

ତୃତୀୟ ଶ୍ରେଣୀ
୧
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା

ମୋ ନାମ :............................................................

ମୋ ବାପାଙ୍କ ନାମ :...................................................

ମୋ ମା'ଙ୍କ ନାମ :.....................................................

ମୋ ବିଦ୍ୟାଳୟର ନାମ :............................................

ମୋ ଶ୍ରେଣୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନାମ :..............................

.................................................................................

ମୋ ଗାଁ/ସାହିର ନାମ...................................................

# ଭାଷାମହକ ୧

## ତୃତୀୟ ଶ୍ରେଣୀ

DRAFT

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଭୁବନେଶ୍ୱର

# ଭାଷା ମହକ

ତୃତୀୟ ଶ୍ରେଣୀ ଭାଷା ଶିକ୍ଷା ନିମନ୍ତେ
(ପରୀକ୍ଷାମୂଳକ ସଂସ୍କରଣ)


ସଂପାଦନା ମଣ୍ଡଳୀ :
ଡ. ନିରୋଦ କୁମାର ମନ୍ତ୍ରୀ
ଶ୍ରୀମତୀ ସ୍ମିତା ପଟ୍ଟନାୟକ
ଶ୍ରୀମତୀ କବିତା କାନୁନ୍‌ଗୋ
ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସାହୁ
ଶ୍ରୀମତୀ ନନ୍ଦିନୀ ରାଉତ

ସମୀକ୍ଷକ ମଣ୍ଡଳୀ :
ଡ. ନିରଞ୍ଜନ ମହାନ୍ତି
ଡ. ଅଶୋକ କୁମାର ମହାନ୍ତି
ସୋନାଲି ରାଉତ

ବିଷୟ ବିଶେଷଜ୍ଞ :
ଡ. ଲଳିତ କୁମାର ଲେଙ୍କା

ସଂଯୋଜିକା :
ଶ୍ରୀମତୀ ବନ୍ଦିତା ପଟ୍ଟନାୟକ

ମୁଖ୍ୟ ସଂଯୋଜିକା :
ଡ. ସବିତା ସାହୁ

ପ୍ରକାଶକ :
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ ବର୍ଷ : ୨୦୨୬

ପ୍ରସ୍ତୁତି :
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ
ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଡି.ଟି.ପି ଓ ଡିଜାଇନ୍ :
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣେତା ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର
ମୁଦ୍ରଣ :
ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର


DRAFT

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି- ୨୦୨୦ ଦ୍ୱାରା ସୁପାରିଶ କରାଯାଇଥିବା ଶିକ୍ଷାର ମୌଳିକ ସ୍ତର ହେଉଛି ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶର ସେହି ସ୍ତର ଯାହା କେବଳ ଆମ ଦେଶର ସଂସ୍କୃତି ଏବଂ ସାମ୍ବିଧାନିକ ବ୍ୟବସ୍ଥାରୁ ଉତ୍ପନ୍ନ ମୂଲ୍ୟବୋଧକୁ ଗ୍ରହଣ କରିବାରେ ସମର୍ଥ କରିବ ନାହିଁ ବରଂ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରାଇବା ପାଇଁ ଯଥେଷ୍ଟ ସହାୟକ ହେବ । ଏହାଦ୍ୱାରା ସେମାନେ 'ପ୍ରସ୍ତୁତି ସ୍ତର' ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇପାରିବେ ।

ପ୍ରସ୍ତୁତି ସ୍ତର ହେଉଛି ମୌଳିକ ଏବଂ ମଧ୍ୟମ ସ୍ତର ମଧ୍ୟରେ ଏକ ସେତୁ । ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷର ବିଦ୍ୟାଳୟ ଶିକ୍ଷା ଅବଧିକୁ ପ୍ରସ୍ତୁତି ସ୍ତରଭୁକ୍ତ କରାଯାଇଛି । କହିବା ବାହୁଲ୍ୟ ଯେ, ଏହି ସ୍ତରରେ ପିଲାମାନେ ଯେଉଁ ଶିକ୍ଷା ଗ୍ରହଣ କରନ୍ତି ତାହା ନିଶ୍ଚିତ ଭାବରେ ଶିକ୍ଷା ପ୍ରତି ମୌଳିକ ସ୍ତରର ଆଭିମୁଖ୍ୟ ଉପରେ ଆଧାରିତ ହେବ । ଖେଳ ଆଧାରିତ, ଆବିଷ୍କାର ଏବଂ କାର୍ଯ୍ୟଭିତ୍ତିକ ଶିକ୍ଷଣ ପଦ୍ଧତି ଜାରି ରହିବ କିନ୍ତୁ ଏହି ସମୟ ଅବଧି ଭିତରେ ଏହି ସ୍ତରରେ ଛାତ୍ରଛାତ୍ରୀମାନେ ପାଠ୍ୟପୁସ୍ତକ ଏବଂ ଶ୍ରେଣୀଗୃହ ସହିତ ଅଧିକ ଆନୁଷ୍ଠାନିକ ଭାବେ ପରିଚିତ ହେବେ । ଛାତ୍ରଛାତ୍ରୀମାନଙ୍କୁ ଏକ କଠିନ ପରିସ୍ଥିତିରେ ପକାଇବା– ଏହାର ଲକ୍ଷ୍ୟ ନୁହେଁ, ବରଂ ପଠନ, ଲିଖନ ଏବଂ ପାଠ୍ୟକ୍ରମ ସହିତ ଚିତ୍ରକଳା ଏବଂ ସଙ୍ଗୀତ ଇତ୍ୟାଦି ମାଧ୍ୟମରେ ସମସ୍ତ ବିଷୟ ଯଥା- ଶିକ୍ଷା, ପରିବେଶ ଭିତ୍ତିକ ଶିକ୍ଷା, ଭାଷା, ଗଣିତ, ପ୍ରାଥମିକ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ଆଦି ସହିତ ସାମଗ୍ରିକ ରୂପେ ପରିଚିତ କରାଇବା ହେଉଛି ଏହାର ଉଦ୍ଦେଶ୍ୟ । ଏଠାରେ ଏହା ସୁନିଶ୍ଚିତ କରାଯାଇପାରିବ ଯେ ପିଲାମାନଙ୍କର ଜ୍ଞାନାତ୍ମକ, ଇନ୍ଦ୍ରିୟଗତ, ଶାରୀରିକ ଓ ଭୌତିକ ସ୍ତରର ସାମଗ୍ରିକ ବିକାଶ ହୋଇପାରିବ, ଯାହା ଦ୍ୱାରା ସେମାନେ ସହଜରେ ମଧ୍ୟସ୍ତରରେ ପ୍ରବେଶ କରିପାରିବେ ।

ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ତୃତୀୟ ଶ୍ରେଣୀ ନିମିତ୍ତ ପୁସ୍ତକ 'ଭାଷାମହକ ①' ପୁସ୍ତକ  ବିକଶିତ କରିବା ପରିପ୍ରେକ୍ଷୀରେ ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ର ସୁପାରିଶକୁ ଅନୁସରଣ କରି ଏବଂ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧାରଣାଗତ ବୁଝାମଣା, ତାତ୍ତ୍ୱିକ ଚିନ୍ତାଧାରା, ସୃଜନଶୀଳତା, ମୌଳିକ ମୂଲ୍ୟବୋଧ ଏବଂ ମନୋଭାବର ବିକାଶ ଉପରେ ସମାନ ଭାବରେ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ଅନ୍ତର୍ଭୁକ୍ତକରଣ, ବହୁଭାଷାବାଦ, ଲିଙ୍ଗସମାନତା ଏବଂ ସାଂସ୍କୃତିକ ଅବଧାରଣା ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉପଯୁକ୍ତ ସମନ୍ୱୟ ମଧ୍ୟ କରାଯାଇଛି । ତତ୍‌ସହିତ ବିଦ୍ୟାଳୟସ୍ତରୀୟ ସାମଗ୍ରିକ ମୂଲ୍ୟାୟନ ଭଳି ସମସ୍ତ ବିଷୟ ସହ ସଂପୃକ୍ତ କ୍ଷେତ୍ରଗୁଡ଼ିକୁ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା କି ପରବର୍ତ୍ତୀ ସ୍ତରଗୁଡ଼ିକରେ ଭାଷାଗତ ଦକ୍ଷତା ହାସଲ କରିବା ପାଇଁ ଯଥେଷ୍ଟ ସହାୟକ ହୋଇପାରିବ ।

ଏଥିସହିତ ଏହି ପୁସ୍ତକଟିରେ ଥିବା ଆକର୍ଷଣୀୟ ଚିନ୍ତାଧାରା ଏବଂ କାର୍ଯ୍ୟକ୍ରମ ଭିତ୍ତିକ ଶିକ୍ଷଣ ପ୍ରକ୍ରିୟା ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ପ୍ରଭାବଶାଳୀ, ଆନନ୍ଦମୟ ଓ ଉପଭୋଗ୍ୟ ହୋଇପାରିବ ।

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେହୁଏ ଯେ- ପାଠ୍ୟପୁସ୍ତକରେ ଥିବା ଶିକ୍ଷାଗତ ଦିଗଗୁଡ଼ିକ, ମୌଳିକତା, ବୁଝାମଣା, ଯୁକ୍ତି ଏବଂ ନିଷ୍ପତ୍ତି ନେବା ଉପରେ ଅଧିକ ଧ୍ୟାନ ଦେଇଥାଏ । ଏହି ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନେ କୌତୁହଳୀ ହୋଇ ବହୁତ ପ୍ରଶ୍ନ ପଚାରି ତାଙ୍କର ସଂଶୟ ଦୂର କରିବାକୁ ଚେଷ୍ଟା କରିଥାନ୍ତି । ତେଣୁ ଏହି ପର୍ଯ୍ୟାୟରେ ଖେଳଭିତ୍ତିକ ଶିକ୍ଷଣ ପଦ୍ଧତି ସେମାନଙ୍କୁ ଅଧିକ ମନୋନିବେଶ କରିବା ପାଇଁ ସହାୟକ ହେବା ସହିତ ସେମାନଙ୍କୁ ଅଧିକ ସମୟ ନିୟୋଜିତ କରି ରଖିବ ।

ଏହି ପୁସ୍ତକ ପିଲାମାନଙ୍କୁ ସ୍ୱଅଧ୍ୟୟନ ପାଇଁ ପ୍ରେରଣା ଦେବ, ଯାହାକି ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ପୁସ୍ତକ ପାଠାଗାରରେ ରହିବାର ଆବଶ୍ୟକତାକୁ ସୁନିଶ୍ଚିତ କରିବ । ସେମାନଙ୍କୁ ନିଜର ରୁଚି ଅନୁଯାୟୀ ପଢ଼ିବା ପାଇଁ ନିଜେ ପୁସ୍ତକ ଚୟନ

କରିବାର ସୁଯୋଗ ସୃଷ୍ଟି କରିବ । ଏହି ପ୍ରକ୍ରିୟାରେ ଶିକ୍ଷକମାନେ ତଥା ଅଭିଭାବକମାନେ ପିଲାମାନଙ୍କୁ ଅନୁମୋଦିତ ପାଠ୍ୟ ଖସଡ଼ା ପରିବର୍ତ୍ତେ ଅଧିକ ଜାଣିବା ପାଇଁ ସୁଯୋଗ ପ୍ରଦାନ କରିବେ, ଯାହାଦ୍ୱାରା ସେମାନଙ୍କର ଧ୍ୟାନ, ଉତ୍ସାହ ଏବଂ ସୃଜନଶୀଳତାର ବିକାଶ ହେବ ।

ମୁଁ ପ୍ରସ୍ତୁତି ସ୍ତରର ତୃତୀୟ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଓ ସେହି ଶ୍ରେଣୀରେ ଶିକ୍ଷାଦାନ କରୁଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଏହି ପୁସ୍ତକ ସୁପାରିଶ କରୁଛି ଏବଂ ଏହାର ସଫଳତା ପାଇଁ ବିଶ୍ୱାସ ରଖୁଛି । ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାରେ ନିଯୁକ୍ତ ସମସ୍ତ କର୍ମକର୍ତ୍ତା ତଥା ସହଯୋଗୀ ଓ ଚିତ୍ରକର ମଣ୍ଡଳୀ ଶ୍ରୀଯୁକ୍ତ ପରମେଶ୍ୱର ମେହେର, ଶ୍ରୀଯୁକ୍ତ ହିରୋ ନାରାୟଣ ହେମ୍ବ୍ରମ, ଶ୍ରୀମତୀ ମୌସୁମୀ ମିଶ୍ର, ଶ୍ରୀଯୁକ୍ତ ଅମୀୟ ବେହେରା, ଶ୍ରଯୁକ୍ତ ବିଭୂତି ଜେନା, ଶ୍ରୀଯୁକ୍ତ ଜିତେନ୍ଦ୍ର ସ୍ୱାଇଁଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ଏହା ସମସ୍ତଙ୍କ ଆଶା ପୂରଣ କରିପାରିବ ବୋଲି ବିଶ୍ୱାସ ରଖୁଛି ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଭୁବନେଶ୍ୱର, ଏହି ପୁସ୍ତକର ବ୍ୟବସ୍ଥାଗତ ସଂସ୍କାର ଆଣି ପ୍ରକାଶନରେ ନିରନ୍ତର ସାଧୁ ଉଦ୍ୟମ ଓ ପ୍ରତିବଦ୍ଧତା ପାଇଁ ବଦ୍ଧପରିକର । ଶେଷରେ ଆପଣଙ୍କ ପରାମର୍ଶ ଓ ମତାମତ ଆହ୍ୱାନ କରୁଛି ଯାହା ଭବିଷ୍ୟତର ସଂଶୋଧନ ଓ ପରିମାର୍ଜିତ ସଂସ୍କରଣ ପାଇଁ ସହଜ ହୋଇପାରିବ ବୋଲି ଆଶା ଓ ବିଶ୍ୱାସ ରଖୁଛି ।

ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଭୁବନେଶ୍ୱର

DRAFT

# ପୁସ୍ତକ ବିଷୟରେ

ଜାତୀୟ ଶିକ୍ଷାନୀତି- ୨୦୨୦ର ସୁପାରିଶକୁ ଦୃଷ୍ଟିରେ ରଖି ତୃତୀୟ ଶ୍ରେଣୀର ମାତୃଭାଷା ପାଠ୍ୟ ପୁସ୍ତକ 'ଭାଷାମହକ ①' ପ୍ରସ୍ତୁତ କରିବା ସମୟରେ, ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ (ବିଦ୍ୟାଳୟ ଶିକ୍ଷା) ଏବଂ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗକୁ ପ୍ରାଧାନ୍ୟ ଦିଆଯାଇଛି । ଭାଷା ସାହାଯ୍ୟରେ ପିଲାମାନେ ସେମାନଙ୍କର ପରିବାର, ପରିବେଶ, ସଂସ୍କୃତି ଏବଂ ରାଷ୍ଟ୍ର ସହିତ ସଂଯୋଗ ସ୍ଥାପନ କରନ୍ତି । ଭାଷା ହେଉଛି ପିଲାମାନଙ୍କ ମଧ୍ୟରେ ମୌଳିକ ଏବଂ ବୈଧ ମୂଲ୍ୟବୋଧ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରତି ସତର୍କତା, ସାମାଜିକ-ଭାବପ୍ରବଣତାକୁ ବିକଶିତ କରିବାର ଏକ ମାଧ୍ୟମ । ତେଣୁ ଏଠାରେ ଭାଷା ଶିଖିବା ଅର୍ଥ କେବଳ ପଢ଼ିବା ଏବଂ ଲେଖିବା ନୁହେଁ; ବରଂ ପିଲାମାନଙ୍କ ଜୀବନ ଶୈଳୀରେ ଆଚରଣଗତ ପରିବର୍ତ୍ତନକୁ ମଧ୍ୟ ବୁଝାଏ ।

ଭାଷା ଆମ ସାଂସ୍କୃତିକ ପରିଚୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା କେବଳ ସେତେବେଳେ ସହାୟକ ରୂପେ ପ୍ରମାଣିତ ହେବ ଯେତେବେଳେ ଜଣେ ସମାଜ ଏବଂ ବ୍ୟକ୍ତିଗତ ଆଚରଣ, ଖାଦ୍ୟ ଅଭ୍ୟାସ, ଚିନ୍ତାଧାରା, ଲୋକ ସଂସ୍କୃତି ଇତ୍ୟାଦିକୁ ଜାଣିବା ଏବଂ ବୁଝିବାକୁ ସମର୍ଥ ହେବ । ଆମର ପରମ୍ପରା ଏବଂ ସଂସ୍କୃତିକୁ ମଧ୍ୟ ଭାଷା ସଂରକ୍ଷିତ କରି ରଖିଛି । ଭାଷାର ଏହି ପ୍ରକୃତି ଏବଂ କାର୍ଯ୍ୟ ବିଦ୍ୟାଳୟ ଶିକ୍ଷା ସହିତ ଜଡ଼ିତ । ଅନୁସନ୍ଧାନ, ସୃଜନଶୀଳ ଚିନ୍ତାଧାରା ଏବଂ ତାର୍କିକ ଚେତନା ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଜ୍ଞାନ ସୃଷ୍ଟି କରିବାକୁ ଉତ୍ସାହିତ କରାଯିବା ଆବଶ୍ୟକ । ପିଲାମାନେ ଭାଷାକୁ ଏକ ନିୟମ ବନ୍ଧିତ ପ୍ରଣାଳୀ ଭାବରେ ଦେଖିବା ଉଚିତ୍ ନୁହେଁ; ବରଂ ଏହାର ସୌନ୍ଦର୍ଯ୍ୟ, ସାମାଜିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ ଏବଂ ସାହିତ୍ୟିକ ଦିଗଗୁଡ଼ିକୁ ମଧ୍ୟ ବୁଝିବା ଉଚିତ୍ । ଏହି ବିନ୍ଦୁଗୁଡ଼ିକୁ ଦୃଷ୍ଟିରେ ରଖି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ଚିନ୍ତାଧାରାଗୁଡ଼ିକୁ ବିଶେଷ ଧ୍ୟାନରେ ରଖାଯାଇଛି—

- ପୁସ୍ତକଟି ପାଞ୍ଚୋଟି ଅଧ୍ୟାୟରେ ସଂକଳିତ ହୋଇଅଛି । ପୁସ୍ତକରେ ପିଲାମାନଙ୍କୁ କବିତା, ଗପ, ଗଦ୍ୟ, ଏକକ ନାଟକ, କୌତୁକ ପ୍ରଶ୍ନ ଇତ୍ୟାଦି ସହିତ ଆକର୍ଷଣୀୟ ଭାବରେ ପରିଚିତ କରାଯାଇଛି । ପୁସ୍ତକଟି ଏପରି ଭାବରେ ବିକାଶିତ କରାଯାଇଛି ଯାହା ପିଲାମାନଙ୍କୁ ଭାବବିନିମୟ ପାଇଁ ସୁଯୋଗ ଦେବା ସହିତ, ପିଲାମାନେ ବୁଝିବା ଓ ପ୍ରଶ୍ନ ପଚାରିବା ପରି କୌଶଳଗୁଡ଼ିକର ବିକାଶ କରିପାରିବେ ।
- ଉକ୍ତ ପୁସ୍ତକର ପାଠ ମାଧ୍ୟମରେ ଭାରତୀୟ ପୌରାଣିକ ପରମ୍ପରାରୁ ପ୍ରଯୁକ୍ତିବିଦ୍ୟା ଏବଂ ବିକାଶଶୀଳ ଭାରତର ପ୍ରତିଛବିକୁ ସରଳ ଭାଷାରେ ଉପସ୍ଥାପିତ କରାଯାଇଛି । ଋତୁଭିତ୍ତିକ ପର୍ବପର୍ବାଣିର ବର୍ଣ୍ଣନା ମାଧ୍ୟମରେ ପିଲାମାନଙ୍କ ସାଂସ୍କୃତିକ ଚେତନାକୁ ବିକଶିତ କରିବାକୁ ପ୍ରୟାସ କରାଯାଇଛି ।
- ଏହି ପୁସ୍ତକଟି ଭାରତୀୟ ତଥା ଉତ୍କଳୀୟ ସାଂସ୍କୃତିକ ପରିବେଶ ଉପରେ ପରିକଳ୍ପନା କରାଯାଇଛି । ତତ୍‌ସହିତ ମାତୃଭାଷା ଓଡ଼ିଆ ଶିକ୍ଷାଦାନ ଓ ଶିକ୍ଷା ମାଧ୍ୟମରେ, ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଦୃଷ୍ଟିକୋଣ ସମ୍ପ୍ରସାରିତ କରି ଭାରତୀୟ ସଂସ୍କୃତିର ବିବିଧତା ପ୍ରତି ଏକ ସକରାତ୍ମକ ଧାରଣା ବିକଶିତ କରିବାର ପ୍ରୟାସ କରାଯାଇଛି ।
- ବିଭିନ୍ନ ଭାଷାଗତ ଦକ୍ଷତା, ଯେପରିକି ବୁଝିବା ସହିତ କଥାବାର୍ତ୍ତା କରିବା, ଶୁଣିବା, ପଢ଼ିବା, ଲେଖିବା ଏବଂ ରଚନା କରିବା ଇତ୍ୟାଦି ପ୍ରକ୍ରିୟାର ଗତିଶୀଳତା ବଜାୟ ରଖିବା ପାଇଁ, ପିଲାମାନଙ୍କ ଦୈନନ୍ଦିନ ଜୀବନ ଓ ସେମାନଙ୍କ ପାରିପାର୍ଶ୍ୱିକ ପରିବେଶ ସହିତ ଜଡ଼ିତ ଜିନିଷଗୁଡ଼ିକୁ ଆଧାର କରାଯାଇଛି ।

**ପାଠ୍ୟକ୍ରମର ଲକ୍ଷ୍ୟ :**

ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ଜାତୀୟ ପାଠ୍ୟକ୍ରମ ଆଧାର ୨୦୨୩ରେ ଭାଷା ପରିପ୍ରେକ୍ଷୀରେ ନିମ୍ନଲିଖିତ ଲକ୍ଷ୍ୟଗୁଡ଼ିକୁ ସ୍ଥିର କରାଯାଇଛି-

**ପାଠ୍ୟକ୍ରମ ଲକ୍ଷ୍ୟ – ୧** : ବିଚାରଗୁଡ଼ିକୁ ସୁସଙ୍ଗତ ଭାବରେ ବୁଝିବା ଏବଂ ଯୋଗାଯୋଗ କରିବା ପାଇଁ ଜଟିଳ ବର୍ଣ୍ଣନାତ୍ମକ ଗଠନ ବ୍ୟବହାର କରି ମୌଖିକ ଭାଷା ଦକ୍ଷତାର ବିକାଶ କରିବା ।

**ପାଠ୍ୟକ୍ରମ ଲକ୍ଷ୍ୟ – ୨** : ପରିଚିତ ଓ ଅପରିଚିତ ପାଠର ବିଭିନ୍ନ ରୂପ ଯେପରିକି (ଗଦ୍ୟ ଏବଂ ପଦ୍ୟ)ର ମୌଳିକ ବୁଝାମଣା ବିକାଶ କରି ଅର୍ଥ ସହିତ ପଢ଼ିବାର ଦକ୍ଷତାକୁ ବିକଶିତ କରିବା ।

**ପାଠ୍ୟକ୍ରମ ଲକ୍ଷ୍ୟ – ୩** : ପାରସ୍ପରିକ ବୁଝାମଣା ଓ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ବାକ୍ୟଗଠନ କରି ଲିଖନ ଦକ୍ଷତାକୁ ବିକଶିତ କରିବା ।

**ପାଠ୍ୟକ୍ରମ ଲକ୍ଷ୍ୟ – ୪** : ବିଭିନ୍ନ ଉତ୍ସ ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗରେ (ଘର ଏବଂ ବିଦ୍ୟାଳୟର ଅଭିଜ୍ଞତା) ଏକ ବ୍ୟାପକ ଶବ୍ଦ ଭଣ୍ଡାରର ବିକାଶ କରିବା ।

**ପାଠ୍ୟକ୍ରମ ଲକ୍ଷ୍ୟ – ୫** : ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୁସ୍ତକ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ନିମିତ୍ତ ଉଦ୍ୟମ କରିବା ।

**ପାଠ୍ୟପୁସ୍ତକରେ ବିଷୟବସ୍ତୁର ଏକକୀକରଣ :**

ଏହି ପାଠ୍ୟ ପୁସ୍ତକକୁ ପାଞ୍ଚଟି ଅଧ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ଅଧ୍ୟାୟର ଶୀର୍ଷକ ହେଉଛି 'ଆମ ପରିବେଶ' । ଏଥିରେ 'କେହି ନୁହେଁ ତା' ସରି, 'ପିମ୍ପୁଡ଼ି' ଏବଂ 'ମାଟି ମାଆ' ପଦ୍ୟ ଏବଂ 'କାହାର କେତେ ଗୋଡ଼' ଏକାଙ୍କିକାରେ ବିଭିନ୍ନ ପଶୁ ପକ୍ଷୀଙ୍କ ଗୋଡ଼ ବିଷୟରେ ଧାରଣା ସହିତ 'ସୋମୁନାର ଆମ୍ବଗଛ' ଗଳ୍ପରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ପ୍ରଶଂସା କରି ବୃକ୍ଷରୋପଣର ମହତ୍ତ୍ୱକୁ ଉପସ୍ଥାପନ କରାଯାଇଛି । ଦ୍ୱିତୀୟ ଅଧ୍ୟାୟର ଶୀର୍ଷକ 'ବନ୍ଧୁତା' । ଏହି ଅଧ୍ୟାୟରେ ବ୍ୟକ୍ତି ଏବଂ ପରିବେଶ ସହିତ ଆମର ବନ୍ଧୁତ୍ୱର ସଂପର୍କକୁ ଉପସ୍ଥାପନ କରାଯାଇଛି । ଏହି ସମ୍ପର୍କକୁ ବନ୍ଧୁତ୍ୱର ରୂପରେଖ ଦେବା ପାଇଁ 'ବାଇ ଚଢ଼େଇ ଓ ହାତୀ' 'ବନ୍ଧୁଙ୍କୁ ପତ୍ର', 'ବୁଦ୍ଧିର ଖେଳ' 'ଓଡ଼ିଆ ନୂଆବର୍ଷ' ଭଳି ପାଠକୁ ଏଥିରେ ସନ୍ନିବେଶିତ କରାଯାଇଛି । ତୃତୀୟ ଅଧ୍ୟାୟଟି 'ଆସ ଖେଳିବା' ଶୀର୍ଷକ ପୁସ୍ତକରେ ସଂକଳନ କରାଯାଇଛି । ଖେଳ ହେଉଛି ଶିକ୍ଷାର୍ଥୀମାନଙ୍କ ପିଲାଦିନର ଆନନ୍ଦର ଏକ ଅପରିହାର୍ଯ୍ୟ ଅଂଶ । ଏହାକୁ ଧ୍ୟାନ ଦେଇ 'ନଟର ଭାବନା', 'ହକି ଖେଳ ଆମ ଭାରି ବଢ଼ିଆ' ଟ୍ରାଫିକ୍‌ଜାମ୍, 'କୁହକ ପେଡ଼ି' ଭଳି ଆନନ୍ଦଦାୟକ କବିତାଗୁଡ଼ିକୁ ଏହି ଅଧ୍ୟାୟରେ ସଂଯୋଗ କରାଯାଇଛି । ଚତୁର୍ଥ ଅଧ୍ୟାୟର ଶୀର୍ଷକ ହେଉଛି 'ନିଜ ନିଜର କାମ' । ଏଥିରେ ଶ୍ରମର ଗୁରୁତ୍ୱ ଏବଂ ଏହାର ବିବିଧତାକୁ ଦର୍ଶାଯାଇଛି । କୋମଳମତି ପିଲାମାନଙ୍କୁ ଶ୍ରମର ମୂଲ୍ୟ ବୁଝାଇବା ପାଇଁ 'ମନ ବଳଦିଲା' ଓ 'ଚତୁର କୃଷକ' ଭଳି ଗପ ଏବଂ 'ତୁମପରି ଛୋଟ ପିଲାଟିଏ' ଭଳି ପ୍ରେରଣାପ୍ରଦ ପଦ୍ୟକୁ ସ୍ଥାନିତ କରାଯାଇଛି । ପଞ୍ଚମ ଅଧ୍ୟାୟର ନାମ 'ଆମ ଦେଶ' ରଖାଯାଇଛି । ଉକ୍ତ ଅଧ୍ୟାୟରେ ଭାରତୀୟ ଭାବଧାରାର ବିବିଧତା ଉପସ୍ଥାପିତ କରାଯାଇଛି । 'ସେହି ମୋ ପ୍ରିୟ ଜନମ ଭୂଇଁ', 'ଚନ୍ଦ୍ରଯାନ' 'ସ୍ୱାଧୀନ ଦେଶର ସନ୍ତାନ ଆମେ' ଡୋଲଖିଆ ବିଲୁଆ, ଶହୀଦ ବୀର ଲକ୍ଷ୍ମଣ ନାୟକ ଓ ଭାରତମାତାର ଜୟ ଆଦି ବିଷୟକୁ ଆଧାର କରି ଜାତୀୟତା ଭାବକୁ ପ୍ରତିପାଦିତ କରାଯାଇଛି । ସାମଗ୍ରିକ ଭାବରେ ଏହି ପାଠ୍ୟ ପୁସ୍ତକରେ ପ୍ରାଚୀନ ପରମ୍ପରାରୁ ଚନ୍ଦ୍ରଯାନ ପର୍ଯ୍ୟନ୍ତ ଯାତ୍ରାକୁ ଭାଷା ଏବଂ ସାହିତ୍ୟ ମାଧ୍ୟମରେ ଉପସ୍ଥାପିତ କରାଯାଇଛି ।

**ମୌଖିକ ଭାଷା ଏବଂ ଲିଖନର ବିକାଶ :**

ପିଲାମାନଙ୍କର ମୌଖିକ ଭାଷା ଜ୍ଞାନର ଅଭିବୃଦ୍ଧି କରିବା ପାଇଁ ପାଠ୍ୟ ପୁସ୍ତକର ଏକକ ଏବଂ ବ୍ୟକ୍ତିଗତ ଅଭ୍ୟାସ ସୃଷ୍ଟି କରାଯାଇଛି । ପ୍ରତ୍ୟେକ ପାଠ ଶେଷ ହେବା ପରେ, ଆଲୋଚନା ପାଇଁ ଶୀର୍ଷକ ଆଧାରରେ କିଛି ପ୍ରଶ୍ନ ଦିଆଯାଇଛି, ଯେଉଁଥିରେ ପ୍ରତ୍ୟେକ ପିଲା ବ୍ୟକ୍ତିଗତ, ଯୋଡ଼ି ଏବଂ ଦଳଗତ କାର୍ଯ୍ୟରେ ଅଂଶ ଗ୍ରହଣ କରିପାରିବେ ଏବଂ ଅଭିଜ୍ଞତା ବାଣ୍ଟି ପାରିବେ । ଭାଷା ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପିଲାମାନଙ୍କ ମୌଖିକ ଅଭିବ୍ୟକ୍ତିକୁ ବିନା ବାଧାରେ କହିବାର ସୁଯୋଗ ଯୋଗାଇ ଦେବା । ପାଠର ଅଭ୍ୟାସରେ, ପିଲାମାନଙ୍କୁ ଛୋଟ ଛୋଟ ବାକ୍ୟ ତିଆରି କରିବା ପାଇଁ କାର୍ଯ୍ୟକଳାପ ଦିଆଯାଇଛି । ଶବ୍ଦରୁ ବାକ୍ୟକୁ

ସ୍ଥାନାନ୍ତରିତ କରିବା ସହିତ ଜଡ଼ିତ କାର୍ଯ୍ୟକଳାପରେ ଏହା କଷ୍ଟସାଧ ନ ହେବା ପାଇଁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇ ଅଛି । ପିଲାମାନେ ଏହି ଅଭ୍ୟାସଗୁଡ଼ିକୁ ଆଗ୍ରହ ଓ ଆନନ୍ଦର ସହିତ ସରଳ ଭାବରେ କରିପାରିବେ ବୋଲି ଆଶା ।

**କଳ୍ପନା, କୌତୂହଳ ଏବଂ ସୃଜନଶୀଳତା :**

ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାରେ କଳ୍ପନା ଏକ ବିଶେଷ ସ୍ଥାନ ଅଧିକାର କରେ । ଏହି ବୟସରେ ପିଲାମାନେ ବହୁତ କଳ୍ପନାବିଳାସୀ ହୋଇଥାନ୍ତି ଓ ସେମାନେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ଅନେକ କଳ୍ପନା କରନ୍ତି କିମ୍ବା ଚିନ୍ତା କରନ୍ତି ଏବଂ ବହୁତ କିଛି କରିବା ସହିତ ପରୀକ୍ଷଣ ଜାରି ରଖନ୍ତି । କିଛି ପାଠର ଅଭ୍ୟାସରେ ଏପରି ପ୍ରଶ୍ନ ଦିଆଯାଇଛି ଯାହା ଛାତ୍ରଛାତ୍ରୀମାନଙ୍କୁ କଳ୍ପନା ଜଗତରେ ପ୍ରବେଶ କରିବାରେ ସାହାଯ୍ୟ କରିବ । ଏପରି ପ୍ରଶ୍ନ ପିଲାମାନଙ୍କ ଉପରେ ଠିକ୍ କିମ୍ବା ଭୁଲ୍ ଉତ୍ତର ଦେବା ପାଇଁ ଚାପ ପକାଏ ନାହିଁ । ଉଦାହରଣସ୍ୱରୂପ 'ଚନ୍ଦ୍ରଯାନ' ପାଠରେ ପ୍ରଶ୍ନ ହେଉଛି ଯେ ଯଦି ଚନ୍ଦ୍ରଯାନ-୩ ସହିତ ଜଡ଼ିତ ବୈଜ୍ଞାନିକମାନେ ତୁମ ସ୍କୁଲକୁ ଆସନ୍ତି, ତେବେ ତୁମେମାନେ କେଉଁ ପ୍ରଶ୍ନ ପଚାରିବାକୁ ଚାହିଁବ ? କୌତୂହଳ ଓ ଅନୁସନ୍ଧାନ ପିଲାମାନଙ୍କର ମୌଳିକ ପ୍ରବୃତ୍ତି ହୋଇ ଥିବାରୁ ପାଠ୍ୟପୁସ୍ତକରେ ସେଥିପ୍ରତି ଧ୍ୟାନ ଦିଆଯିବ ସହିତ ସୃଜନଶୀଳତା ପ୍ରକାଶ କରିବା, ସୃଷ୍ଟି କରିବା ଓ ଲେଖିବାର ସୁଯୋଗ ପ୍ରଦାନ କରାଯାଇଛି । ପୁସ୍ତକରେ ପାଠ୍ୟକ୍ରମ ଓ ଶିଶୁ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ପ୍ରକ୍ରିୟାକୁ ବଜାୟ ରଖିବା ପାଇଁ କିଛି ଆକର୍ଷଣୀୟ କାର୍ଯ୍ୟକଳାପ ଦିଆଯାଇଛି । ଉଦାହରଣସ୍ୱରୂପ ଅଭ୍ୟାସ ପ୍ରଶ୍ନରେ ବିଲୁଆର ମୁଖା ତିଆରି କରିବାର କାର୍ଯ୍ୟକଳାପ ଦିଆଯାଇଛି । ପ୍ରାୟ ସମସ୍ତ ଅଧ୍ୟାୟର ଶେଷରେ ଏପରି କାର୍ଯ୍ୟକଳାପ ଦିଆଯାଇଛି ଯାହାକି ପିଲାମାନଙ୍କୁ ପୁସ୍ତକ ସହିତ ଯୋଡ଼ିବା ପାଇଁ ସହାୟକ ହେବ ।

ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତିକରଣକୁ ଦୃଷ୍ଟିରେ ରଖି ପିଲାମାନେ କିପରି ପରିବେଶ ପ୍ରତି ଅଧିକ ଯତ୍ନବାନ ହେବେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି । ନାରୀ ପୁରୁଷଙ୍କ ମାଧ୍ୟମରେ ସୁସ୍ଥ ସମାଜ ଏବଂ ରାଷ୍ଟ୍ର ଗଠନର ଆବଶ୍ୟକତାକୁ ମଧ୍ୟ ଦୃଷ୍ଟି ଦିଆଯାଇଛି । ଯେଉଁଥିଲାଗି ଲିଙ୍ଗଗତ ବିଭେଦତାକୁ ପରିହାର କରିବା ଲାଗି ପାଠ୍ୟ ପୁସ୍ତକରେ ପାଠ୍ୟକ୍ରମ ଏବଂ ଚିତ୍ରଗୁଡ଼ିକରେ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରାଯାଇଅଛି । ଏହା ସହିତ ଭାରତୀୟ ପରମ୍ପରା ଏବଂ ସଂସ୍କୃତି, ବିଭିନ୍ନ ବିଷୟ ଓ କଳାକୁ ଉପଯୁକ୍ତ ଶିକ୍ଷାଗତ ଦୃଷ୍ଟିକୋଣରୁ ପାଠ୍ୟକ୍ରମ ସହିତ ସଂଯୋଜିତ କରାଯାଇଛି ।


ପାଠ୍ୟପୁସ୍ତକ ହେଉଛି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ମୂଳଦୁଆ; କିନ୍ତୁ ଏକମାତ୍ର ମାଧ୍ୟମ ନୁହେଁ । ଜଣେ ସୃଜନଶୀଳ ଏବଂ ପ୍ରତିବଦ୍ଧ ଶିକ୍ଷକଙ୍କୁ ନିରନ୍ତର ନୂତନ ପାଠ୍ୟକ୍ରମର ସାହାଯ୍ୟ ନେବାକୁ ପଡ଼ିଥାଏ । ଏହା ଏପରି ଏକ କ୍ଷେତ୍ର ଯେଉଁଠାରେ ଶିକ୍ଷକମାନଙ୍କୁ ସେମାନଙ୍କ ଶିକ୍ଷାର୍ଥୀମାନଙ୍କ ସ୍ତରକୁ ଦୃଷ୍ଟିରେ ରଖି ସେମାନଙ୍କୁ କି ପ୍ରକାର ପାଠ୍ୟ ସାମଗ୍ରୀ ଏବଂ କାର୍ଯ୍ୟକଳାପ ଯୋଗାଇ ଦିଆଯିବ ତାହା ନିଜେ ନିଷ୍ପତ୍ତି ନେବାକୁ ପଡ଼ିଥାଏ । ଉଦ୍ଦେଶ୍ୟ ହେଉଛି ଶେଷରେ ଆବଶ୍ୟକୀୟ ଭାଷାଗତ ଦକ୍ଷତାର ବିକାଶ ।

ଆମେ ନିଶ୍ଚିତ ଯେ ଆମର ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିର୍ଦ୍ଧାରିତ ଉଦ୍ଦେଶ୍ୟ ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ପାଠ୍ୟ ପୁସ୍ତକର ସୃଜନଶୀଳ ଦିଗ ପ୍ରତି ଯତ୍ନବାନ ହୋଇ ବ୍ୟବହାର କରିବେ, ଯାହାଦ୍ୱାରା ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ପ୍ରଭାବଶାଳୀ ହେବ ଏବଂ ପିଲାମାନେ ଆନନ୍ଦର ସହିତ ଭାଷା ଶିକ୍ଷା କରିବେ ।

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| କ୍ର.ନଂ | ନାମ ଓ ପଦବୀ | |
|---|---|---|
| ୧ | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର | ଅଧ୍ୟକ୍ଷ |
| ୨ | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ | ସଦସ୍ୟ |
| ୧୨. | ଏନ୍.ସି.ଆଇ.ଟି, ନୂଆଦିଲ୍ଲୀ ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ | ସଦସ୍ୟ |
| | ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍.ସି.ଏଫ୍, ଓଡ଼ିଶା | |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ (ବିଜ୍ଞାନ) | |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ୍.ଏସ୍.ଟି କାର୍ଯ୍ୟକ୍ରମ, | ସଦସ୍ୟ |
| | ଏନ୍.ସି.ଇ.ଆର.ଟି., ନୂଆଦିଲ୍ଲୀ | |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ଅର୍ଥନୀତି, ପୂର୍ବତନ ସଭାପତି, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, | ସଦସ୍ୟ |
| | ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, | ସଦସ୍ୟ |
| | ଖଲିକୋଟ ସ୍ୱୟଂଶାସିତ କଲେଜ, ଗଞ୍ଜାମ | |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ | ସଦସ୍ୟ ସଚିବ |

# ବନ୍ଦେ ଉତ୍କଳ ଜନନୀ




ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁଭାଷମୟୀ ଜନନୀ, ଜନନୀ, ଜନନୀ ।
ପୂତ – ପୟୋଧି – ବିଧୌତ – ଶରୀରା,
ତାଳତମାଳ – ସୁଶୋଭିତ – ତୀରା,
ଶୁଭ୍ର ତଟିନୀକୂଳ – ଶୀକର – ସମୀରା
ଜନନୀ, ଜନନୀ, ଜନନୀ ।।

ଘନବନଭୂମି ରାଜିତଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି – ସୁଶୋଭିତ – କ୍ଷେତ୍ରା,
ଜ୍ଞାନବିଜ୍ଞାନ – ପ୍ରଦର୍ଶିତ – ନେତ୍ରା
ଯୋଗୀରଷିଗଣ – ଉଟଜ – ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦରମନ୍ଦିରମଣ୍ଡିତ – ଦେଶା,
ଚାରୁ କଳାବଳି – ଶୋଭିତ – ବେଶା
ପୁଣ୍ୟ ତୀର୍ଥଚୟ – ପୂର୍ଣ୍ଣ – ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର – ଦର୍ପିତ – ଗେହା,
ଅରିକୁଳ – ଶୋଣିତ – ଚର୍ଚ୍ଚିତ – ଦେହା,
ବିଶ୍ୱଭୂମଣ୍ଡଳ – କୃତବର – ସ୍ନେହା
ଜନନୀ, ଜନନୀ, ଜନନୀ ।

କବିକୁଳମୌଳିସୁନନ୍ଦନ – ବନ୍ଦ୍ୟା,
ଭୁବନବିଘୋଷିତ – କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିର ଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

## ସୂଚୀପତ୍ର

### ଅଧ୍ୟାୟ - ୧ ଆମ ପରିବେଶ


| | | |
|---|---|---|
| ୧. | କେହି ନୁହେଁ ତା' ସରି | ୧ |
| ୨. | ପିମ୍ପୁଡ଼ି | ୯ |
| | ଲୁଚକାଳି ଖେଳ | ୧୩ |
| ୩. | କାହାର କେତେ ଗୋଡ଼ | ୧୪ |
| | ସାଙ୍ଗର ଜୋତା | ୨୪ |
| ୪. | ମାଟି ଆମର ମାଆ | ୨୫ |
| ୫. | ସୋମୁନାର ଆମ୍ବଗଛ | ୩୩ |






### ଅଧ୍ୟାୟ - ୨ ବନ୍ଧୁତା


| | | |
|---|---|---|
| ୬. | ବାଇ ଚଢ଼େଇ ଓ ହାତୀ | ୪୫ |
| ୭. | ବନ୍ଧୁଙ୍କୁ ପତ୍ର | ୫୧ |
| ୮. | ବୁଦ୍ଧିର ଖେଳ | ୫୭ |
| | କିଛି ମଜା କଥା | ୬୫ |
| ୯. | ଓଡ଼ିଆ ନୂଆବର୍ଷ | ୬୬ |

### ଅଧ୍ୟାୟ - ୩ ଆସ ଖେଳିବା


ନଟର ଭାବନା ୭୨

୧୦. ହକି ଖେଳ ଆମ ଭାରି ବଡ଼ିଆ ୭୩

ଟ୍ରାଫିକ୍ କାମ୍ ୭୮

୧୧. କୁହୁକ ପେଡ଼ି ୭୯







### ଅଧ୍ୟାୟ - ୪ ନିଜ ନିଜର କାମ


୧୨. ମନ ବଦଳିଲା ୮୩

୧୩. ତୁମ ପରି ଛୋଟ ପିଲାଟିଏ ୮୯

୧୪. ଚତୁର କୃଷକ ୯୭

ଅଧ୍ୟାୟ – ୫  ଆମ ଦେଶ


୧୫. ସେହି ମୋ ପ୍ରିୟ ଜନମଭୂଇଁ ୧୦୩

୧୬. ଚନ୍ଦ୍ରଯାନ ୧୧୦

ଶହୀଦ ବୀର ଲକ୍ଷ୍ମଣ ନାୟକ ୧୧୭

୧୭. ଢୋଲଖିଆ ବିଲୁଆ ୧୧୮

୧୮. ଭାରତମାତାର ଜୟ ୧୨୫




# କେହି ନୁହେଁ ତା' ସରି

ଫୁଲ ପରି ମୁଁ କୋମଳ ହେବି
ହସିବି ସଦାବେଳେ
ବାସ ବିତରି ଖୁସି ମୁଁ ଦେବି
ସଭିଁଙ୍କୁ କାଳେ କାଳେ ॥

କୋଇଲି ପରି ମିଠା ସ୍ୱରରେ
କହିବି କଥା ସଦା
ଦୁଃଖ ଦେବିନି କାହାରି ମନେ
ଆସୁ ବିପଦ ବାଧା ॥


ପାହାଡ଼ ସମ ସ୍ଥିର ମନରେ
କରିବି ସବୁ କାମ
ଦେଶ ସେବାରେ ଜୀବନ ଦେବି
ରଖିବି ତା'ର ନାମ ॥

ନଦୀ ପରାଏ ଆଗେଇ ଯିବି
କରିବି ଜନ ହିତ
ଦୁଃଖୀ ଓଠରେ ହସ ଖେଳାଇ
ହେବି ମୁଁ ତା'ର ମିତ ॥

ପରର ହିତ କରଇ ଯିଏ
ଆପଣା ଲୋକ ପରି
ଯିଏ ତ ଏକା ସଂସାରେ ସାର
କେହି ନୁହେଁ ତା' ସରି ॥



## ଆସ ଚିତ୍ର ଦେଖି କଥା ହେବା



୧. ଉପରୋକ୍ତ ଚିତ୍ରରେ ତୁମେ କ'ଣ ସବୁ ଦେଖୁଛ ?

୨. ଚିତ୍ରରେ ଥିବା ପ୍ରାଣୀଙ୍କ ପରି ଆଉ କେଉଁସବୁ ପ୍ରାଣୀଙ୍କୁ ତୁମେ ଘରର ଆଖପାଖରେ ଦେଖିଛ ?

୩. ତୁମେ ଜାଣିଥିବା ପାଞ୍ଚୋଟି ଫୁଲଗଛର ନାମ କୁହ ।

୪. ଆକାଶରେ ଉଡୁଥିବା ପକ୍ଷୀମାନଙ୍କୁ ଦେଖିଲେ ତୁମ ମନରେ କେଉଁସବୁ ଭାବନା ଆସେ ?



## ଆସ ଗୀତଟିକୁ ମନେ ପକାଇବା

୧. କାହାଠାରୁ କ'ଣ ଶିଖିବା, ଗାର ଟାଣି ଯୋଡ଼ ।



ସ୍ଥିର ରହିବା



ସବୁବେଳେ ହସିବା



ଅନ୍ୟର ହିତ କରିବା



ମଧୁର କଥା କହିବା



ଆଗକୁ ଆଗେଇଯିବା



୨.  କବିତାଟି ପଢ଼ି, ତୁମେ କାହାପରି ହେବାପାଇଁ ଚାହୁଁଛ, କୁହ ।

ତା'ର ଚିତ୍ର କର ଓ ନାମ ଲେଖ ।


୩.  ତଳଲିଖିତ ବାକ୍ୟକୁ ପଢ଼ ଓ ସେହି ଭାବ, କବିତାର କେଉଁ ପଦରେ ଅଛି, ଦେଖ ଓ ଲେଖ ।

(କ) ମୁଁ ଯେଉଁଠାରେ ରହିଲେ ବି କାହାରି ମନରେ ଦୁଃଖ ଦେବି ନାହିଁ ।

(ଖ) ମୋ ଲକ୍ଷ୍ୟ ପୂରଣ କରିବା ପାଇଁ ମୁଁ ମେରୁ ପରି ଅଟଳ ରହିବି ।

(ଗ) ମୁଁ ଦୁଃଖୀ ଲୋକଙ୍କ ଓଠରେ ହସ ଖେଳାଇବି ଓ ତାଙ୍କର ସାଥୀ ହୋଇ ରହିବି ।

DRAFT





## ଆସ ଟିକିଏ ଚିନ୍ତା କରି କହିବା ଓ ଲେଖିବା

୧. ନଦୀ ଆମର କ'ଣ ଉପକାର କରେ ? (ଯେକୌଣସି ଦୁଇଟି ବାକ୍ୟ ଲେଖ ।)

(କ) ______________________________

(ଖ) ______________________________

DRAFT

୨. ତୁମେ କେଉଁ ପରିସ୍ଥିତିରେ ଅନ୍ୟକୁ ସାହାଯ୍ୟ କରିବ ? (ଯେକୌଣସି ଦୁଇଟି ବାକ୍ୟ ଲେଖ ।)

(କ) ______________________________


(ଖ) ______________________________

୩. ତୁମ ସାଙ୍ଗର ଦୁଇଟି ଭଲ ଗୁଣ ବିଷୟରେ ଲେଖ ।

(କ) ______________________________

(ଖ) ______________________________





## ଭାଷାର କଥା ପଢ଼ ଓ ବୁଝ



| ଶବ୍ଦ | ଅର୍ଥ |
|---|---|
| ପାହାଡ଼ | ପାହାଡ଼/ପର୍ବତ |
| ନଦୀ | ନଈ |
| ଜନ | ଲୋକ |
| ସରି | ସମାନ |
| ସଦାବେଳେ | ସବୁ ସମୟରେ |

**୧. ଉପରେ ଦିଆଯାଇଥିବା ସାରଣୀକୁ ଦେଖ । ସେଥିରୁ ଯେକୌଣସି ଦୁଇଟି ଶବ୍ଦକୁ ନେଇ ବାକ୍ୟ ଗଠନ କର ।**

(କ) ____________________

(ଖ) ____________________

**୨. କବିତାରୁ ଖୋଜି ତଳେ ଦିଆଯାଇଥିବା ଶବ୍ଦ ପରି ସମତାନ ଶବ୍ଦ ଲେଖ ।**

ଯେପରି : କହିବି – ରହିବି

ହିତ ____________ ପରି ____________

ଯିଏ ____________ ମନ ____________

**୩. କଥାରେ କ'ଣ କହିବା, ଲେଖ ।**

ପରାଏ ____________ ପଥେ ____________

କରଇ ____________ ବିତରି ____________



DRAFT

୪. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼, ପଢ଼ ଓ ଲେଖ ।

| | | |
|---|---|---|
| ଚ | ଟ | ନ |
| ପୋ | କା | ଳ |
| ଚା | ମ | ର |

________ ________ ________

________ ________ ________

________ ________ ________

୫. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ।

(କ) ଚଗଲା ଚଟିଆକୁ ଚଣା ଦେଲା ।

(ଖ) ନଟବର ନୌକାରେ ନଦୀ ପାର ହେଲା ।

(ଗ) କନକ ପନିକିରେ କଖାରୁ କାଟିଲା ।

୬. ତଳେ ଦିଆଯାଇଥିବା ପଶୁପକ୍ଷୀଙ୍କ ମଧ୍ୟରୁ ଯେଉଁମାନେ ବଣରେ ରହନ୍ତି, ସେମାନଙ୍କ ନାମ ଲେଖ ।
(ବାଘ, କାଠହଣା, କୁକୁଡ଼ା, ଭାଲୁ, ମାଙ୍କଡ଼, ଗାଈ, ସିଂହ, ଛେଳି, ହାତୀ, ବିଲୁଆ, ମୟୂର, ଠେକୁଆ, ମେଣ୍ଢା, ବାରହା)

________ ________

________ ________

________ ________

________ ________

ମନେରଖ :
ଅମୃତ ବିନୟ ବଚନ । କହି ତୋଷିବ ଜନମନ ॥
ଓଡ଼ିଆ ଭାଗବତବାଣୀ



DRAFT

## ଶୁଣ, ବୁଝ ଓ କୁହ



ହାତ ଅଛି, ଗୋଡ଼ ନାହିଁ
ନାହିଁ ତା'ର ମଥା
ମଣିଷକୁ ଗିଳି ଦେଉଛି
ଅଜବ ଏ କଥା ।
ମୁଁ କିଏ ?

ଟାହିଆ ଉପରେ ଟାହିଆ,
ତିନି ମୁଣ୍ଡ ଦଶ ଗୋଡ଼ ଦେଖିଛୁ କିରେ ବାଇଆ ।







## ଆସ ମିଳିମିଶି ଗାଇବା

ଆସ, ପଢ଼ିଥିବା କବିତାକୁ ଅଭିନୟ ସହ ଆବୃତ୍ତି କରିବା ।


# ପିମ୍ପୁଡ଼ି

ମାମୁନି ଦେଖି ପିମ୍ପୁଡ଼ିଟିଏ
ପାଖକୁ ଡାକି ତାହାକୁ କୁହେ ।
କେଡ଼େ ଛୋଟିଆ ହୋଇଛୁ ତୁହି
ବୁଦ୍ଧିରେ ତୋହର ସରି କେ ନାହିଁ ॥



ବନ୍ଧୁ ପରିଜନ ସାଥିରେ ନେଇ
ଧାଉଁ ଥାଉ ତୁହି ଆହାର ପାଇଁ ।
ବଳକା ଦରବ ସାଇତି ଦେଉ
ଝଡ଼ି ବରଷାରେ ବସିକି ଖାଉ ॥

ଅଳସପଣଟି ତୋ'ଠାରେ ନାହିଁ
ବଡ଼ ପରିଶ୍ରମୀ ଅଟୁରେ ତୁହି ।
କଳା କଉଶଳେ କରୁ ଯେ ଘର
ଜଗତ କହଇ ତୁ' କାରିଗର ॥



ଶୃଙ୍ଖଳାର ସହ କାମ ତୁ' କରୁ
ଦଳପତି ଆଜ୍ଞା ମଥାରେ ଧରୁ ।
ଆଜ୍ଞାକାରୀ ପ୍ରାଣୀ ତୋ'ପରି କେହି
ସାରା ସଂସାରରେ ଜଣେ ତ ନାହିଁ ॥

ବେଳହୁଁ ସଜାଗ ଥିଲେରେ ରହି
ବିପଦ ପାଖକୁ ଆସଇ ନାହିଁ ।
ଟିକି ମୁଣ୍ଡେ, ବୁଦ୍ଧି ଅମାପ ତୋର
ଭାବିଲେ ମଥାଟି ଘୂରଇ ମୋର ॥



## ଆସ କଥା ହେବା



୧.(କ) ତୁମେ କେତେ ପ୍ରକାରର ପିମ୍ପୁଡ଼ିସବୁ ଦେଖିଛ ?

(ଖ) ପିମ୍ପୁଡ଼ି ପରି ଆଉ କେତୋଟି ଜୀବଙ୍କ ନାମ କୁହ ।

(ଗ) ପିମ୍ପୁଡ଼ି ଦିନରାତି କାହିଁକି ଧାଉଁଥାଏ ?

(ଘ) ତୁମକୁ ସାହାଯ୍ୟ କରୁଥିବା ଦୁଇଟି ପଶୁପକ୍ଷୀଙ୍କର ନାମ କୁହ । ସେମାନଙ୍କଠାରୁ ତୁମେ କ'ଣ ସାହାଯ୍ୟ ପାଅ ?



## ଆସ ଟିକେ ଚିନ୍ତା କରି ଲେଖିବା ଓ ପଢ଼ିବା

**୧. କବିତାକୁ ପଢ଼ି ଖାଲି ଜାଗା ପୂରଣ କର ।**

(କ) ବଳକା ଦରବ ________________ ।

(ଖ) ବନ୍ଧୁ ପରିଜନ ________________ ।

(ଗ) ଜଗତ କହଇ ________________ ।

(ଘ) ଶୃଙ୍ଖଳାର ସହ ________________ ।

DRAFT

୨. ଶବ୍ଦର ଶେଷ ଅକ୍ଷରକୁ ନେଇ ନୂଆ ଶବ୍ଦ ଗଢ଼ ଓ ଲେଖ ।

ଆହାର → ରବି → ______ → ______

______ → ______ → ______ → ______

______ → ______ → ______ → ______

**୩. ତଳେ ଦିଆଯାଇଥିବା ବାକ୍ୟକୁ ପଢ଼ ।**

(କ) ଯୁବକଟିଏ ଗଛ ହାଣିବାକୁ ଆସିଲା ।

(ଖ) ତାକୁ ଦେଖି ପକ୍ଷୀମାନେ ଡରିଗଲେ ।

(ଗ) ଗଛରେ ବୁଢ଼ା ଶାଗୁଣାଟିଏ ଥିଲା ।

(ଘ) ସେ ପକ୍ଷୀମାନଙ୍କୁ ଏକାଠି କଲା ।

(ଙ) ସବୁ ପକ୍ଷୀ ମିଶି ଯୁବକକୁ ଘଉଡ଼ାଇ ଦେଲେ ।



## ଭାଷାର କଥା

୧. କବିତାକୁ ପଢ଼ । ସେଥିରେ ମାମୁନି ପିମ୍ପୁଡ଼ିର ଯେଉଁ ସବୁ ଗୁଣ ବିଷୟରେ କହିଛି, ତାହାକୁ ଲେଖ ।

ବୁଦ୍ଧିଆ

୨. ଝୁଡ଼ିରୁ ଶବ୍ଦ ନେଇ ଖାଲି ଜାଗାରେ ଲେଖ ଓ କବିତାଟିକୁ ପୂରଣ କର ।




ଦେଖରେ ________ ପିମ୍ପୁଡ଼ି ________

ଆଗକୁ ________ ଯାଆନ୍ତି ________

ସତେ କି ରେଳ ________

________ ଟିକେ ପାଇବା ପାଇଁ

ବୁଲନ୍ତି ଘର ________ ।

୩. ତଳେ ଦିଆଯାଇଥିବା ଅକ୍ଷରକୁ ସଜାଡ଼ି ଶବ୍ଦ ଗଢ଼ ଓ ଲେଖ ।

ପରିମୀଶ୍ର –

ଅସଳ –


ରୀଆଞ୍ଜାକା –

ରିକାଗର –



DRAFT

୪. ପିମ୍ପୁଡ଼ି ବିଷୟରେ ତିନୋଟି ବାକ୍ୟ ଲେଖ ।



DRAFT

**ମନେରଖ :**

ଯାହାକୁ ରଖିବେ ଅନନ୍ତ । କି କରିପାରେ ବଳବନ୍ତ ॥

ଓଡ଼ିଆ ଭାଗବତବାଣୀ



# ଲୁଚକାଳି ଖେଳ



ଦିନେ ପିମ୍ପୁଡ଼ି ଓ ହାତୀ ଲୁଚକାଳି ଖେଳୁଥିଲେ । ହାତୀ ଯେଉଁଠି ଲୁଚିଲେ ବି ପିମ୍ପୁଡ଼ି ସବୁବେଳେ ଜାଣି ଦେଉଥିଲା । କାରଣ ହାତୀର ଆକାର ବହୁତ ବଡ଼ ଥିଲା । ଯେତେବେଳେ ପିମ୍ପୁଡ଼ି ମନ୍ଦିର ଭିତରେ ଲୁଚୁଥିଲା, ସେତେବେଳେ ହାତୀ ବି ତାକୁ ଖୋଜି ପାଇଗଲା । କହିଲ ଦେଖି, ମନ୍ଦିର ଭିତରେ ପିମ୍ପୁଡ଼ି ଲୁଚି ରହିଥିବା କଥା ହାତୀ କିପରି ଜାଣିଥିବ ?





# କାହାର କେତେ ଗୋଡ଼



(ବଣର ପାଠଶାଳା । ପାଠପଢ଼ା ଚାଲିଥାଏ । ବାଘ ଗୁରୁଜୀ ହୋଇ ପାଠ ପଢ଼ାଉଥିବେ ।)


ବାଘ – ପିଲାମାନେ କହିଲ ଦେଖି, ଗୋଡ଼ ଆମର କ'ଣ ଉପକାର କରେ ?

ମାଙ୍କଡ଼ – ଗୁରୁଜୀ ! ଗୋଡ଼ରେ ଆମେ ଚାଲୁ, ଖେଳୁ ଆଉ ଦୌଡ଼ୁ ।

ସାପ – ମୋର ଗୋଡ଼ ନାହିଁ । ମୁଁ ଛାତିରେ ଭରା ଦେଇ ଯିବା ଆସିବା କରେ ।

ବାଘ – ହଁ, ସାପ ପରି ମଧ୍ୟ ଜିଆ, ମାଛ, ଗେଣ୍ଡା, ଜୋକର ବି ଗୋଡ଼ ନାହିଁ ।





ମୟୂର – ଗୁରୁଜୀ ! ମୋର ଯେମିତି ଦୁଇଟି ଗୋଡ଼ । ସବୁ ପକ୍ଷୀଙ୍କର ମଧ୍ୟ ଦୁଇଟି ଲେଖାଏଁ ଗୋଡ଼ ଅଛି । ହଁ-ହଁ- ମଣିଷର ବି ଦୁଇଟି ଗୋଡ଼ ।




ଭାଲୁ – କିନ୍ତୁ ମୋର ଚାରୋଟି ଗୋଡ଼ ଅଛି । ସିଂହ, ହରିଣ ଓ ଠେକୁଆ ଭାଇମାନଙ୍କର ବି ଚାରୋଟି ଲେଖାଏଁ ଗୋଡ଼ ଅଛି ।

ମାଙ୍କଡ଼ – ମୋର ବି ମଧ୍ୟ ଚାରୋଟି ଗୋଡ଼ । ମୁଁ ମୋ' ଆଗ ଦୁଇ ଗୋଡ଼କୁ ହାତ ପରି କାମରେ ଲଗାଏ ।

ହାତୀ – ମୋର ପାଞ୍ଚଟା ଗୋଡ଼ ବୋଲି ଭାବୁଛ କି ? ନା-ନା- ମୋର ବି ଚାରୋଟି ଗୋଡ଼ ଓ ଗୋଟିଏ ଲମ୍ବା ଶୁଣ୍ଢ ଅଛି ।

ବାଘ – ଆଚ୍ଛା ପିଲାମାନେ କହିଲ, ମଶା ଓ ମାଛିର କେତୋଟି ଗୋଡ଼ ?



ପ୍ରଜାପତି – ମଶା, ମାଛିଙ୍କର ଛଅଟି ଗୋଡ଼ । ମୋର ବି ଛଅଟି ଗୋଡ଼ । ଜନ୍ଦା, ପିମ୍ପୁଡ଼ି, ଭଅଁର, ମହୁମାଛିର ବି ଛଅଟି ଲେଖାଏଁ ଗୋଡ଼ ।

ବାଘ – ଆରେ ବାଃ ! ଏଥର କହିଲ, କାହାର ଆଠଟି ଗୋଡ଼ ଅଛି ?

ବୁଢ଼ିଆଣୀ– ମୋର ପରା ଆଠଟି ଗୋଡ଼ । ମାଙ୍କଡ଼ସାର ମଧ୍ୟ ଆଠଟି ଗୋଡ଼ । ଆମେ ଜାଲ ବୁଣି ସେଥିରେ ରହୁ ।

ବାଘ – ବହୁତ ଭଲ । ପିଲାମାନେ ଜାଣିଛ କି – ଗୋଟିଏ କୀଟ ଅଛି, ତା'ର ତିରିଶ (୩୦)ରୁ ଆରମ୍ଭ କରି ତିନିଶହ ବୟାଅଶୀ (୩୮୨) ପର୍ଯ୍ୟନ୍ତ ଗୋଡ଼ ହୋଇପାରେ । ଏହି ଅଦ୍ଭୁତ କୀଟର ନାମ ହେଲା– ବିଛା । ତୁମେମାନେ କିଏ ବିଛା ଦେଖିଛ କି ?




DRAFT


କାଉ –	ହଁ, ମୁଁ ଦେଖିଛି । ସେ ପ୍ରାୟ ଅନ୍ଧାରୁଆ ଓ ଓଦା ଜାଗାରେ ରହେ । ଗଛର ଛାଲି ଭିତରେ ଆଉ ଓଦା ଘାସପତ୍ର ତଳେ ରହେ ।

ବାଘ –	ଆରେ ବାଃ । ତୁମେମାନେ ତ ବହୁତ କଥା ଜାଣିଛ । ତା'ହେଲେ ଆଜି ଆମେ ଅନେକ ଜୀବଜନ୍ତୁଙ୍କ ଗୋଡ଼ ବିଷୟରେ ଜାଣିଲେ । ଆଜି ପାଇଁ ଏତିକି ଥାଉ ।

(ସୂଚନା – ଅଭିନୟ ସମୟରେ ଜୀବଜନ୍ତୁଙ୍କ ମୁଖା ବ୍ୟବହାର କରାଯିବ ।)

ସମସ୍ତ ଶିକ୍ଷାର୍ଥୀ – ଧନ୍ୟବାଦ ଗୁରୁଜୀ ।





## ଆସ କଥା ହେବା

୧. ତୁମେ ଘରେ ଦେଖିଥିବା କେତୋଟି ପଶୁପକ୍ଷୀଙ୍କ ନାମ ଓ ସେମାନଙ୍କ ଗୋଡ଼ ସଂଖ୍ୟା କୁହ ।

୨. ଯଦି ପଶୁମାନଙ୍କର ଗୋଡ଼ ନଥା'ନ୍ତା, ତେବେ କ'ଣ ସବୁ ଅସୁବିଧା ହୁଅନ୍ତା ?

୩. ସାପର ଗୋଡ଼ ଅଛି କି ? ସେ କିପରି ଚାଲେ ?

୪. ତୁମେ ପାଦରେ ଚପଲ ନ ପିନ୍ଧିଲେ, କ'ଣ ହେବ ?

୫. ଦଶଟା ଗୋଡ଼ ଥିବା ଜୀବ ଦେଖିଛ କି ? ସେ କେଉଁଠାରେ ରହେ ?

## ଆସ ଚିତ୍ର କରି ରଙ୍ଗ ଦେବା

ତୁମକୁ ଭଲ ଲାଗୁଥିବା ଯେକୌଣସି ପଶୁ, ପକ୍ଷୀ, ସରୀସୃପ ବା କୀଟପତଙ୍ଗର ଚିତ୍ର କରି ରଙ୍ଗ ଦିଅ । ତା'ର ନାମ ତଳେ ଲେଖ ।






DRAFT

## ଆସ ଭାବିବା ଓ ଲେଖିବା

୧. ଝିଣ୍ଟିକାଟିଏ ଡେଇଁଡେଇଁକା ଖେଳୁଥାଏ । ସେହି ବାଟ ଦେଇ ପିମ୍ପୁଡ଼ିଟିଏ ଯାଉଥିଲା । ଝିଣ୍ଟିକା ତାକୁ ଡାକିଲା । ତା'ହେଲେ ଝିଣ୍ଟିକା ଓ ପିମ୍ପୁଡ଼ି କ'ଣ କଥାବାର୍ତ୍ତା ହୋଇଥିବେ, ଆସ ଭାବିବା ଓ ଖାଲି ଘରେ ଲେଖିବା ।



୨. ବଣରେ ରହୁଥିବା ତିନୋଟି ଲେଖାଏଁ ପଶୁପକ୍ଷୀଙ୍କ ନାମ କୋଠରିରେ ଲେଖ ।

| ପଶୁଙ୍କ ନାମ | ପକ୍ଷୀଙ୍କ ନାମ |
|---|---|
| | |
| | |
| | |

**୩. ଗୋଡ଼ ସଂଖ୍ୟା ଅନୁସାରେ ସାରଣୀ ପୂରଣ କର ।**

| ଗୋଡ଼ ନଥିବା ପ୍ରାଣୀ | ଦୁଇଟି ଗୋଡ଼ | ଚାରୋଟି ଗୋଡ଼ | ଛଅଟି ଗୋଡ଼ | ଆଠଟି ଗୋଡ଼ | ଦଶଟି ଗୋଡ଼ |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |
| | | | | | |

ଦଶଟିରୁ ଅଧିକ ଗୋଡ଼ ଥିବା ପ୍ରାଣୀ ________________

**୪. ଆମେ ଆମ ପାଦର ଯତ୍ନ କିପରି ନେବା ? ଯେପରି–**

(କ) ନିୟମିତ ନଖ କାଟିବା ।

(ଖ) ________________

(ଗ) ________________

(ଘ) ________________

**୫. ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ।**

ହାତୀଟିଏ ବଣରେ ବୁଲିଥିଲା । ହଠାତ୍ ତା' ଗୋଡ଼ରେ କଣ୍ଟା ଫୁଟିଗଲା । ସେ ଆଉ ଚାଲିପାରିଲା ନାହିଁ ଏତିକିବେଳେ ମୂଷାଟିଏ ସେଠାରେ ପହଞ୍ଚିଲା । ହାତୀ ଗୋଡ଼ରୁ କଣ୍ଟାଟିକୁ କାଢ଼ିଦେଲା । ହାତୀ ଖୁସି ହୋଇ ମୂଷାକୁ ପିଠିରେ ବସାଇ ବୁଲାଇଲା ।

**୬. ନିମ୍ନରେ ଦିଆଯାଇଥିବା ପଶୁପକ୍ଷୀମାନଙ୍କର ନାମକୁ ସେମାନଙ୍କର ସ୍ୱର ସହିତ ଗାର ଟାଣି ଯୋଡ଼ ।**

| | |
|---|---|
| ଗାଈ | କୁହୁ କୁହୁ |
| ଛେଳି | ହମା ହମା |
| କୋଇଲି | କୁକୁଡ଼ୁ-କୁ |
| କାଉ | ମେଁ...ମେଁ... |
| କୁକୁଡ଼ା | କା...କା... |





DRAFT

୧. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼, ପଢ଼ ଓ ଲେଖ ।

ଯେପରି – ଆତ ।

| | | | |
|---|---|---|---|
| ଜ | କା | ଆ | ତ |
| ଣ୍ଡି | ଦେ | ମ | ଣ୍ଟୁ |
| ନି | କ | ଝି | ଳ |
| ଜ | ଙ୍କ | ନୌ | ବୀ |

୨. ଦୁଇ କୋଠରିରୁ ମେଳ ଖାଉଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର ।

| ଜିଆ, କୁକୁର, ଗଛଡ଼ାଳ, ବର୍ଷା |
|---|

| ମାଟି, କାଉ, ପାଣି, ଘର |
|---|

ଯେପରି – ଗଛଡ଼ାଳରେ କାଉଟିଏ ରାବୁଛି ।

(କ) ______

(ଖ) ______

(ଗ) ______

(ଘ) ______

୩. ତଳେ ଥିବା ଉତ୍ତରକୁ ପାଇବା ପାଇଁ ପ୍ରଶ୍ନ ତିଆରି କର ।

(କ) ଜିଆ ଖାଦ୍ୟ ଖୋଜିବାକୁ ବାହାରିଲା ।

ପ୍ରଶ୍ନ – ______

(ଖ) କୁକୁରର ଚାରୋଟି ଗୋଡ଼ ।

ପ୍ରଶ୍ନ – ______

(ଗ) ପିମ୍ପୁଡ଼ିର ସାଙ୍ଗ ବିଛା ଥିଲା ।

ପ୍ରଶ୍ନ – ______

୪. ଶ୍ରୁତଲିଖନ – (ଶିକ୍ଷକ ଦଶଟି ଶବ୍ଦ ଡାକିବେ)




## ଶୁଣ, ବୁଝ ଓ କୁହ

ରହେରେ ରହେ ମୁଁ କୋରଡ଼େ ରହେ
ରାତିରେ ବୁଲେ ମୁଁ ଦିନରେ ଶୁଏ ।
କହିଲ ଦେଖି – ମୁଁ ଅଟେ କିଏ ?

ବେକରେ ତାହାର ନାଲିଆ ଗାର
ଶାଗୁଆ ଦେହ ତା' ଦିଶେ ସୁନ୍ଦର
ବଙ୍କୁଲି ଥଣ୍ଟରେ ଫଳକୁ ଖାଏ
କହିଲ ପିଲାଏ – ସେ ଅଟେ କିଏ ?

ମାଉଁସ ଖାଏ ସେ ବଣରେ ରୁହେ
ଜାତୀୟ ପଶୁର ନାମଟି ବହେ
କହିଲ ପିଲାଏ – ସେ ଅଟେ କିଏ ?



# ସାଙ୍ଗର ଜୋତା

ପଠନ ନିମନ୍ତେ

ବେଙ୍ଗଟିଏ ଦୋକାନରେ ବସି ଜୋତା ତିଆରି କରୁଥିଲା । ସେହି ବାଟଦେଇ ପିମ୍ପୁଡ଼ିଟିଏ ଗୁଡ଼ ନେଇ ଯାଉଥିଲା । ବେଙ୍ଗ ପିମ୍ପୁଡ଼ିକୁ ଡାକି କହିଲା, "ପିମ୍ପୁଡ଼ି ଭାଇ, ସବୁଦିନେ ପୋକଜୋକ ଖାଇଖାଇ ପାଟିକୁ ଆଉ ଭଲ ଲାଗୁନି । ମୋତେ ଟିକେ ଗୁଡ଼ ଖାଇବାକୁ ଦିଅ ।"

ପିମ୍ପୁଡ଼ି କହିଲା, "ତୁମେ ଯଦି ମୋ ସାଙ୍ଗ ପାଇଁ ଜୋତା ତିଆରି କରିଦେବ, ତେବେ ମୁଁ ତୁମକୁ ଅଧାଗୁଡ଼ ଦେବି ।"

ବେଙ୍ଗ ପିମ୍ପୁଡ଼ିର ଗୋଡ଼କୁ ଦେଖି ଭାବିଲା ଛଅଟି ଜୋତା ତିଆରି କରିଦେଲେ ମୋତେ ଅଧାଗୁଡ଼ ମିଳିବ । ତେଣୁ ପିମ୍ପୁଡ଼ି କଥାରେ ବେଙ୍ଗ ରାଜି ହୋଇଗଲା । ପିମ୍ପୁଡ଼ି ବେଙ୍ଗକୁ ଅଧାଗୁଡ଼ ଦେଇ ଘରକୁ ଚାଲିଗଲା ।



ପରଦିନ ପିମ୍ପୁଡ଼ି ତା' ସାଙ୍ଗ ବିଛାକୁ ନେଇ ବେଙ୍ଗ ପାଖକୁ ଆସିଲା । ବିଛାକୁ ଦେଖି ବେଙ୍ଗ ମୁଣ୍ଡରେ ହାତ ଦେଇ ବସିପଡ଼ିଲା..... ।

ବେଙ୍ଗ କହିଲା, "ପିମ୍ପୁଡ଼ି ଭାଇ, ମୁଁ ଗୋଟେ କଥା କହିବାକୁ ଭୁଲିଯାଇଥିଲି । ମୋତେ ପରା ଗୁଡ଼ ଖାଇବା ମନା । ମୁଁ ତୁମକୁ ମଜାରେ ଗୁଡ଼ ମାଗୁଥିଲି । ମୁଁ ଏବେ ଦୋକାନ ବନ୍ଦ କରିବି । ତୁମେ ଦୁଇଜଣ ଘରକୁ ଯାଅ ।



# ମାଟି ଆମର ମାଆ

ମାଟିରୁ ହୁଏ    ମାଠିଆ ପୁଣି
ମାଟିରୁ ଦୀପ, ସରା
ମାଟିରୁ ହୁଏ    ଠେକି, ପଲମ
ମାଟିରେ ଦିଅଁ ପରା ।





ମାଟି ହାଣ୍ଡିରେ    ରୋଷେଇ ହୁଏ
ମାଟି ଚୁଲିରେ ବସି
ମାଟି କୁମ୍ପିରେ    ପଇସା ରଖି
ମନ ହୁଅଇ ଖୁସି ।



ମାଟିକୁ ଖୋଳି    ପାଉରେ ଆମେ
କୋଇଲା, ହୀରା, ସୁନା
କୃଷକ ଭାଇ    କ୍ଷେତରୁ ନିତି
ଫଳାଏ କେତେ ଦାନା ।



ମାଟି ବୁକୁରେ    ବହଇ ନଈ
ସାଗରେ ମିଶେ ଯାଇ
ମାଟି ପରଶେ    ରାଇଜ ହସେ
ପରାଣ ନିଏ ମୋହି ।



ମାଟିର ବିନା    ମିଳେନି ଦାନା
ମାଟି ସବୁରି ସାହା,
ତା'ର ମମତା    ଅମୂଲ ମୂଲ
ମାଟି ଆମରି ମାଆ ।

## ଆସ କଥା ହେବା

୧. ଚିତ୍ରରେ କ'ଣ ସବୁ ଦେଖୁଛ ?



୨. ସ୍ତ୍ରୀ-ଲୋକଟି କ'ଣ ତିଆରି କରୁଛି ? ........................................................................................

୩. ପୁରୁଷ-ଲୋକଟି କ'ଣ ଚିନ୍ତା କରୁଥିବ ବୋଲି ତୁମେ ଭାବୁଛ ? ..............................................................

୪. ମାଟିକାମ କରୁଥିବା ଲୋକ, କେଉଁଠାରୁ ମାଟି ଆଣୁଥିବେ ? ..............................................................

୫. ତୁମେ ମାଟି କୁମ୍ପିରେ ସାଇତିଥିବା ପଇସାକୁ ନେଇ କ'ଣ କରିବ ? ....................................................

## ଭାବ ଓ ଲେଖ ।

୧. କାହାଠାରୁ ଆମେ କ'ଣ ଉପକାର ପାଉ ?

(କ) ବିଲ :- ______________________________

______________________________

(ଖ) ଚୁଲି :- ______________________________

______________________________

(ଗ) ଖଣି :- ______________________________

______________________________

୨ .ପଢ଼, ବୁଝ ଓ ଲେଖ ।

| ମାଟିକାମ କରୁଥିବା ଲୋକର କାମ | ତୁମର କାମ |
|---|---|
| (କ) ମାଟି ଆଣିବା | (କ) ସକାଳୁ ଉଠି ମୁହଁ ଧୋଇବା |
| (ଖ) ______ | (ଖ) ______ |
| (ଗ) ______ | (ଗ) ______ |
| (ଘ) ______ | (ଘ) ______ |
| (ଙ) ______ | (ଙ) ______ |



## ଶବ୍ଦ ଖେଳ

୧. ତଳେ ଦିଆଯାଇଥିବା ଶବ୍ଦର ଶେଷ ଅକ୍ଷରକୁ ମୂଳକୁ ଆଣି ନୂଆ ଶବ୍ଦ ଗଢ଼ ଓ ଲେଖ ।

| | | | |
|---|---|---|---|
| ବାଡ଼ – | ଡବା | ଡାକ – | |
| ରଡ଼ – | | ଡମ – | |
| ଗଡ଼ – | | ଡିପ – | |

୨. ଶବ୍ଦ ସହ ତା'ର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦକୁ ଗାର ଟାଣି ସ୍ତମ୍ଭ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଆପଣା • | • ସୁଖ |
| ଦୁଃଖ • | • କାନ୍ଦ |
| ହସ • | • ପର |
| ଖୋଲିବା • | • ଅଳସୁଆ |
| ପରିଶ୍ରମୀ • | • ପୋତିବା |



DRAFT

୩. ତଳ କୋଠରିରେ ଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଏକାପରି ଶୁଣାଯାଉଛି, ସେଗୁଡ଼ିକୁ ଲେଖ ।

| | | | | |
|---|---|---|---|---|
| ସରା | ମାଟି | କେତେ | ଯାଇ | ବସି |
| ତୋତେ | ହସି | ପାଟି | ପରା | ପାଇ |

(କ) ସରା ________

(ଖ) ________ ________

(ଗ) ________ ________

(ଘ) ________ ________

(ଙ) ________ ________

୪. କବିତାକୁ ପଢ଼ି ଖାଲି ଜାଗା ପୂରଣ କର ।

(କ) ମାଟିକୁ ଖୋଳି ________

________ ସୁନା

________ କ୍ଷେତରୁ ନିତି

________ ଦାନା ।

(ଖ) ମାଟିର ମୂଲ ________


________ ମାଆ

ମାଟିର ବିନା ________

________ ସାହା ।

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବହୁବଚନ ରୂପ ଲେଖ ।

| ଏକବଚନ | | ବହୁବଚନ |
|---|---|---|
| ଗୋଟିଏ ଫୁଲ | → | ଅନେକ ଫୁଲ/ବହୁତ ଫୁଲ |
| ପିଲାଟି | → | ________ |
| ସରାଟିଏ | → | ________ |
| ନଦୀଟି | → | ________ |



DRAFT

## ଆସ ଖେଳିବା

୧. କବିତାରେ ମାଟିରୁ ତିଆରି କେତେକ ଜିନିଷ ନାମ ଦିଆଯାଇଛି । ସେହି ନାମଗୁଡ଼ିକ ତଳ ସାରଣୀରୁ ଖୋଜି ଗୋଲ ବୁଲାଅ ।

| | | | | | |
|---|---|---|---|---|---|
| ପ | ଲ | ମ | କା | ଭ | ସ |
| ମା | ଗ | ରା | ଜ | ଭ | ରା |
| ହ | ସ | କ | ମା | ଠି | ଆ |
| କ | ହା | ଣ୍ଡି | ସେ | ଓ | ମ୍ଭ |
| ଦୀ | ପ | ତ୍ର | କୁ | କୁ | ର |
| ନ | ଟୁ | ସେ | ମି | କୁ | ଲି |
| କା | ଚ | ଭ | ରା | ଡ଼ା | ଝି |

୨. ତୁମେ ମାଟି ଚକଟି ଦୀପ ତିଆରି କରିବ । ତେଣୁ ମାଟି ଚକଟିବା ପାଇଁ କେଉଁସବୁ ଜାଗାରୁ ପାଣି ପାଇପାରିବ ?

| ନଈ | | | | | |
|---|---|---|---|---|---|

୩. ମାଟିରେ ତିଆରି ଜିନିଷଗୁଡ଼ିକ ମଧ୍ୟରୁ ତୁମକୁ ଭଲ ଲାଗୁଥିବା ଜିନିଷର ଚିତ୍ର କର ଓ ରଙ୍ଗ ଦିଅ ।




୪. ଗୋଟିଏ ରଙ୍ଗୀନ୍ ମାଟିଦୀପ ତିଆରି କରିବା ପାଇଁ ତଳେ କେତେକ ସୂଚନା ଦିଆଯାଇଛି । ସେଗୁଡ଼ିକୁ କ୍ରମରେ ସଜାଇ ଲେଖ ।

- ମାଟିକୁ ଚକଟିବା ।
- ବିଲରୁ ମାଟି ଆଣିବା ।
- ମାଟି ଦୀପରେ ରଂଗ ଦେବା ।
- ମାଟିକୁ ପାଣି ପକାଇ ବତୁରାଇବା ।
- ଚକଟା ମାଟିରେ ଦୀପ ତିଆରି କରିବା ।
- ଦୀପକୁ ଖରାରେ ଶୁଖାଇବା ।

- ______________________
- ______________________
- ______________________
- ______________________
- ______________________
- ______________________

୫. ଆସ ଚଢ଼େଇଟିକୁ ତା' ବସାକୁ ଯିବା ପାଇଁ ଗାରଟାଣି ବାଟ କହି ଦେବା ।



DRAFT

୬. ତୁମେ ଦୁହେଁ ଦୋକାନକୁ ମାଠିଆ କିଣିବାକୁ ଆସିଛ । ଦୋକାନୀ ସହ କ'ଣ କଥା ହୋଇ ମାଠିଆ କିଣିବ, ଲେଖ ।





..........................
..........................
..........................




..........................
..........................
..........................

୭. ଆସ ତିଆରି କରିବା । (ଚଢ଼େଇ)

ଆବଶ୍ୟକ ସାମଗ୍ରୀ :-

ପୁରୁଣା ଖବରକାଗଜ / କ୍ୟାଲେଣ୍ଡର, କଇଁଚି, ପୁରୁଣା ବୋତାମ, ଅଠା / ଫେଭିକଲ୍, ସ୍କେଚ ପେନ୍, ରଂଗୀନ୍ କାଗଜ, ଚୁଡ଼ି ।








## ଶୁଣ, ବୁଝ ଓ କୁହ ।

ଗୁହାଳେ ରୁହେ ମୁଁ ଘାସକୁ ଖାଏ
ବଳ ବଢ଼େ, ମୋର କ୍ଷୀର ଯେ ପିଏ,
କହିଲ ପିଲେ – ମୁଁ ଅଟେ କିଏ ?

ଉତ୍ତର :......................................

ହାତ ନାହିଁ ମୋର ଗୋଡ଼ ଦଶଟା
ପାଣିରେ ରହି ବି ଟାଣ ଦେହଟା
କହିଲ ପିଲେ – ମୋର ନାମଟା ?

ଉତ୍ତର :......................................

ମାଲିକ ଘରକୁ ଜଗିକି ଥାଏ
ଅଚିହ୍ନା ଦେଖିଲେ ତଡ଼ି ମୁଁ ଦିଏ ।
କହିଲ ପିଲେ – ମୁଁ ଅଟେ କିଏ ?


ଉତ୍ତର :......................................

ଆମ୍ବ ବଉଳିଲେ ଗୀତ ମୁଁ ଗାଏ
କଳା ଦେହ ମୋର କାଉ ମୁଁ ନୁହେଁ
କହିଲ ପିଲେ – ମୁଁ ଅଟେ କିଏ ?

ଉତ୍ତର :......................................

ପାଣିରେ ଖେଳେ ମୁଁ ପାଣିରେ ରୁହେ
ପାଣି ବିନା ମୋର ଜୀବନ ଯାଏ
କହିଲ ପିଲେ – ମୁଁ ଅଟେ କିଏ ?

ଉତ୍ତର :......................................



ମନେରଖ :

ଧନ ଅର୍ଜନେ ଧର୍ମ କରି । ଧର୍ମେ ପ୍ରାପତ ନରହରି ॥

ଓଡ଼ିଆ ଭାଗବତବାଣୀ

DRAFT

# ସୋମୁନାର ଆମ୍ବଗଛ

ଖରାଦିନ । ଅଜା, ଘରକୁ ଆସିଥିଲେ । ସାଥିରେ ପାଚିଲା ଆମ୍ବ ଆଣିଥିଲେ । ସୋମୁନା ଆମ୍ବ ଖାଇଲା । "କି ମିଠା ଆମ୍ବ !" – ଖୁସିରେ ସୋମୁନା କହିଉଠିଲା । ସେ ନିଜ ଘର ବଗିଚାରେ ସେହି ଆମ୍ବ ଟାକୁଆକୁ ଲଗାଇବ ବୋଲି ଭାବିଲା ।



ସୋମୁନା ବଗିଚାକୁ ଗଲା । ଗୋଟିଏ ଜାଗାରେ ମାଟି ଖୋଳି ଗାତ କଲା । ସେଥିରେ ଟାକୁଆକୁ ପୋତି ପାଣି ଦେଲା । ଏଣିକି ସେ ପ୍ରତିଦିନ ସକାଳୁ ଉଠି ସେହି ଜାଗାକୁ ସଫା କରି



ପାଣି ଦେଲା । କିଛିଦିନ ବିତିଗଲା । ସୋମୁନା ଦେଖିଲା- ସେଠାରେ କୌଣସି ଗଛ ଉଠୁନାହିଁ । ସେ ମନଦୁଃଖରେ ଆଉ ପାଣି ଦେଲାନାହିଁ ।

ଦିନକର କଥା । ସୋମୁନା ବଗିଚାରେ ବୁଲୁଥାଏ । ହଠାତ୍ ତା' ନଜରରେ ପଡ଼ିଲା ଯେ ଟାକୁଆରୁ ଦୁଇଟି ପତର ମେଲିଛି । ସେ ଖୁସିରେ ପାଟି କରିଉଠିଲା – "ଆରେ ଆମ୍ବଗଛ ଉଠିଛିରେ, ଆମ୍ବଗଛ ଉଠିଛି ।" ତା' ପାଟି ଶୁଣି ପାୟଲ ଧାଇଁ ଆସିଲା । ଟାରା ଆମ୍ବଗଛକୁ ଦେଖି ସେ ବି ଖୁସି



ହୋଇଗଲା । ଦୁଇଜଣଯାକ ହାତ ଧରାଧରି ହୋଇ ଘେରାଏ ନାଚିଗଲେ । ସେତିକିବେଳକୁ ବାପା ସେଠାରେ ଆସି ପହଞ୍ଚିଗଲେ । ସୋମୁନା ଖୁସିରେ ବାପାଙ୍କ ହାତଧରି କହିଲା, "ବାପା, ମୁଁ ଆମ୍ବଟାକୁଆ ପୋତିଥିଲି । ଦେଖ, ସେଥିରୁ କେମିତି ଛୋଟ ଗଛ ବାହାରିଛି ।" ପାୟଲ କହିଲା, "ବାପା ଜାଣିଛ, ଏ ହେଉଛି ଅଜାଙ୍କ ଘରୁ ଆସିଥିବା ସେଇ ମିଠା ଆମ୍ବର ଟାକୁଆ ।" ସାଙ୍ଗେ ସାଙ୍ଗେ ସୋମୁନା ପଚାରିଲା, "ବାପା ଆରବର୍ଷକୁ କ'ଣ ଏଇ ଗଛ ବଡ଼ ହୋଇଯାଇଥିବ ? ସେଥିରେ କ'ଣ ମିଠା ମିଠା ଫଳ ଫଳିଥିବ ?" ବାପା ଟିକିଏ ହସିଦେଇ କହିଲେ, "ନା, ଏହି ଗଛ ବଡ଼ ହୋଇ ଆମ୍ବ ଫଳିବା ପାଇଁ ଆହୁରି ଚାରି-ପାଞ୍ଚ ବର୍ଷ ସମୟ ଲାଗିବ ।" ଏକଥା ଶୁଣି ପାୟଲର ମୁହଁ ଶୁଖିଗଲା । ତା'ର ଶୁଖିଲା ମୁହଁକୁ ଦେଖି ସୋମୁନା କହିଲା, "ମନଦୁଃଖ କରନାହିଁ । ଆମେସବୁ ମିଳିମିଶି ଏ ଗଛର ଯତ୍ନ ନେବା । ଦେଖିବୁ, ଦିନେ ନା ଦିନେ ଏହି ଗଛ ବଡ଼ ହେବ ଆଉ ଆମେ ନିଶ୍ଚୟ ଏହାର ମିଠା ଓ ପାଚିଲା ଫଳକୁ ଖାଇବା ।"



ସମସ୍ତେ ପ୍ରତିଜ୍ଞା କରି କହିଲେ ଚାଲ, ଆମେ ମିଳିମିଶି ଗଛର ଯତ୍ନ ନେବା ।



## ଆସ କଥା ହେବା

୧. ତୁମେ ଜାଣିଥିବା ଫଳଗୁଡ଼ିକର ନାମ କୁହ । ସେହି ଫଳଗୁଡ଼ିକ ମଧ୍ୟରୁ ତୁମକୁ କେଉଁ ଫଳଟି ଭଲ ଲାଗେ ଓ କାହିଁକି ?

୨. ତୁମ ବିଦ୍ୟାଳୟରେ କେଉଁସବୁ ଗଛ ଲଗାଯାଇଛି ?

୩. ତଳେ ଥିବା ଚିତ୍ରରେ କିଛି ଆମ୍ବ ତଳେ ପଡ଼ିଛି । କହିଲ ଦେଖି – ଆମ୍ବ କାହିଁକି ଗଛରୁ ତଳକୁ ଖସି ପଡ଼ିଥିବ ?

୪. ତଳେ ଥିବା ଚିତ୍ରରେ କିଏ କ'ଣ କରୁଛନ୍ତି ?

୫. ତଳ ଚିତ୍ର ଦେଖି କୁହ, ଆମ୍ବଗୁଡ଼ିକୁ ନେଇ ପିଲାମାନେ କ'ଣ କରିବେ ?



## ଆସ ଟିକିଏ ଚିନ୍ତା କରି ଲେଖିବା

୧. ସୋମୁନାର ଅଜା କେଉଁ ଋତୁରେ ମିଠା ଆମ୍ବ ଆଣି ଆସିଥିଲେ ?

୨. ଆମ୍ବ ଖାଇ ସାରିବା ପରେ ସୋମୁନା କ'ଣ ଚିନ୍ତା କଲା ?

୩. ଗଛ ମୂଳରେ ପାଣି ନ ଦେଲେ କ'ଣ ହେବ ?

୪. ସୋମୁନା ତା' ଭଉଣୀ ସହିତ ବଗିଚାରେ କାହିଁକି ନାଚିଲା ?

୫. ବାପା ଆମ୍ବଗଛ ବିଷୟରେ ସୋମୁନାକୁ କ'ଣ କହିଲେ ?

## ଚିନ୍ତା କର ଓ ଲେଖ

୧. ଗପ ସହ ସମ୍ପର୍କିତ ଦୁଇଟି ଭିନ୍ନ ଚିତ୍ର ଦିଆଯାଇଛି । କିଏ କ'ଣ କହୁଛି ଚିତ୍ର ଦେଖି ଅନୁମାନ କର ଓ ଲେଖ ।







## ଆସ ଗଛ ଲଗାଇବା

୧. ତଳେ କେତେଗୁଡ଼ିଏ ଚିତ୍ର ଦିଆଯାଇଛି । ସେଥିମଧ୍ୟରୁ ଯେଉଁଗୁଡ଼ିକ ଗଛ ଲଗାଇବା କାମରେ ବ୍ୟବହାର ହୋଇପାରିବ, ତା' ଚାରିପାଖରେ ଗୋଲ ବୁଲାଅ ।












୨. ଆମ୍ବ ଟାକୁଆରୁ ଗଛ କିପରି ହୁଏ, ତାହା ତଳେ ଲେଖାଯାଇଛି । ତା'ର କ୍ରମକୁ ସଜାଇ ଆଉ ଥରେ ଲେଖ ।

(କ) ମାଟିରେ ପାଣି ଢାଳିବା । ______________________

(ଖ) କୋଦାଳ/କୋଡ଼ିରେ ମାଟି ଖୋଳି ଗାତ କରିବା । ______________________

(ଗ) ଆମ୍ବ ଟାକୁଆ ଲଗାଇବା ପାଇଁ ଠିକ୍ ସ୍ଥାନ ବାଛିବା । ______________________

(ଘ) ଆମ୍ବଟାକୁଆ ଲଗାଇବା ପାଇଁ ଇଚ୍ଛା କରିବା । ______________________



(ଙ) ବାଲ୍‌ଟିରେ ପାଣି ଆଣିବା । ______________________

(ଚ) ଗାତରେ ଟାକୁଆ ପକାଇବା । ______________________

(ଛ) ଗାତରେ ଖତ ଦେବା । ______________________

(ଜ) ଗାତକୁ ମାଟି ଦେଇ ବନ୍ଦ କରିବା । ______________________

୩. ପାୟଲ ଓ ସୋମୁନା, ଅଜାଙ୍କ ଘର ବଗିଚାରେ ବୁଲୁଥିଲେ । ସେମାନେ କେତେକ ଗଛ ଦେଖିଲେ । ସେହି ଗଛଗୁଡ଼ିକର ଚିତ୍ର ଦିଆଯାଇଛି । ଚିତ୍ର ତଳେ ଗଛର ନାମ ଲେଖ ।











୪. ତଳ କୋଠରିରେ ଫଳ, ପରିବା ଓ ଶସ୍ୟର ନାମ ଦିଆଯାଇଛି । ଟୋକେଇର ନାମ ଅନୁସାରେ ଜିନିଷଗୁଡ଼ିକ ସଜାଇ ଲେଖ ।

| | | | | | | |
|---|---|---|---|---|---|---|
| ଆମ୍ବ | କଲରା | ଗହମ | ପିଜୁଳି | ଆଳୁ | ଗାଜର | ଧାନ |
| ରାଶି | ବାଜରା | ବାଇଗଣ | ଲିଚୁ | ଡାଳିମ୍ବ | ଶିମ୍ବ | କଖାରୁ |

DRAFT



ଫଳ



ଶସ୍ୟ



ପରିବା

୫. ମୋ' ବିଦ୍ୟାଳୟର ଗଛଲତା –

ତୁମ ବିଦ୍ୟାଳୟରେ ବା ତା' ଆଖପାଖରେ କେଉଁସବୁ ଗଛଲତା ଦେଖୁଛ ? ସେଗୁଡ଼ିକର ନାମ ଲେଖ ।

______________________ ______________________

______________________ ______________________

______________________ ______________________

୬. ତୁମେ ଗୋଟିଏ ଗଛ ଲଗାଇଛ । ତା'ର ଯତ୍ନ ନେବା ପାଇଁ କ'ଣ କରିବ ଲେଖ ।

________________________________________________

________________________________________________

________________________________________________

________________________________________________

________________________________________________

## ଭାଷାର କଥା

୧. ଗପ ଅନୁସାରେ ଦିଆଯାଇଥିବା ଶବ୍ଦର ବିଶେଷ ଗୁଣ/ଅବସ୍ଥାକୁ ଲେଖ ।

(କ) ଛୋଟ → ଗଛ

(ଖ) ________ → ଆମ୍ବ

(ଗ) ________ → ଫଳ

(ଘ) ________ → ଦିନ

(ଙ) ________ → ମୁହଁ



DRAFT

୨. ତୁମେ ତୁମ ବଗିଚା ବା କୁଣ୍ଡରେ କେଉଁ ଗଛ ଲଗାଇବାକୁ ପସନ୍ଦ କରିବ ?

ମୁଁ ନିଜ ବଗିଚା ବା କୁଣ୍ଡରେ ______________________ ଗଛ ଲଗାଇବି, କାରଣ

______________________________________________

______________________________________________

୩. ତୁମେ ବିଭିନ୍ନ ପ୍ରକାରର ଫଳ ଖାଇଛ । ସେଥିରୁ କେଉଁଗୁଡ଼ିକ ଭିତରେ ମଞ୍ଜି ଥାଏ ଓ କେଉଁଗୁଡ଼ିକରେ ମଞ୍ଜି ନଥାଏ, ତା'ର ଏକ ତାଲିକା କର ।

| ମଞ୍ଜି ଥିବା ଫଳ | ମଞ୍ଜି ନଥିବା ଫଳ |
|---|---|
| ଆମ୍ବ | କଦଳୀ |
| | |
| | |
| | |

୪. ପଢ଼ିଥିବା ଗପରୁ ବାଛି କାମ ଓ ନାମକୁ ବୁଝାଉଥିବା ଶବ୍ଦକୁ ଅଲଗା କର ଓ ଲେଖ ।

| କାମକୁ ବୁଝାଉଥିବା ଶବ୍ଦ | ନାମକୁ ବୁଝାଉଥିବା ଶବ୍ଦ |
|---|---|
| ଆସିଥିଲେ | ଅଜା |
| | |
| | |
| | |
| | |
| | |



୫. ସୋମୁନା ଲଗାଇଥିବା ଆମ୍ବଗଛରେ ମିଠା ମିଠା ଆମ୍ବ ଫଳିଛି । ସେ ଅଜାଙ୍କୁ ସେହି ବିଷୟରେ ଚିଠି ଲେଖି ଜଣାଇବା ପାଇଁ ଚାହୁଁଛି । ସେ କ'ଣ ଲେଖିବ ?

ପୂଜନୀୟ ଅଜା,

ମୋର ଭୂମିଷ୍ଠ ପ୍ରଣାମ ନେବ ।

______________________________

______________________________

______________________________

ଇତି

ସୋମୁନା



## ଆସ ଖେଳିବା

ତଳେ ଦିଆଯାଇଥିବା ସାରଣୀରେ ଥିବା ଗୋଟିଏ ଫଳ ସହ ଅନ୍ୟ ଏକ ଫଳକୁ ମିଳାଇ ମିଳାଇ ରାଣୀ ଓ କୋକୋ ବାହାରକୁ ଯିବେ । ତେଣୁ ଫଳରୁ ଫଳକୁ ଗାର ଟାଣି ଦୁହିଁଙ୍କୁ ବାଟ ଦେଖାଅ ।



| | | | | |
|---|---|---|---|---|
| ସେଓ | ଭେଣ୍ଡି | ପାଚିଲା<br>କଦଳୀ | କମଳା | ପିଆଜ |
| ତରଭୁଜ | ଆମ୍ବ | ପାଚିଲା<br>ଅମୃତଭଣ୍ଡା | ଫୁଟି କାକୁଡ଼ି | ଆଳୁ |
| ରସୁଣ | କଲରା | ନାସ୍‌ପାତି | ଡାଳିମ୍ବ | କଖାରୁ |
| ବାଇଗଣ | ଲିଚୁ | ସପୁରୀ | ଦେଶୀଆଳୁ | ସଜନା ଛୁଇଁ |
| କଞ୍ଚାଲଙ୍କା | ପଣସ | କାକୁଡ଼ି | ପିଜୁଳି | ଅଙ୍ଗୁର |







DRAFT

## ଆସ ଚିତ୍ର କରି ରଙ୍ଗ ଦେବା

ଗ.

୧. ତଳେ ଦିଆଯାଇଥିବା ଚିତ୍ରକୁ ଦେଖ। ହାତ ପାପୁଲି ଓ ଆଙ୍ଗୁଠିକୁ (ଚିତ୍ର ପରି) ରଖି ଗଛର ଚିତ୍ର କର ଓ ରଙ୍ଗ ଦିଅ।



DRAFT



## ଆସ ଜାଣିବା ଓ ବୁଝିବା

୧.  ତୁମେ ଦେଖିଥିବା ବଡ଼ଗଛ, ବୁଦାଳିଆ ଗଛ ଓ ଲତାର ନାମ ଲେଖ ।


| ବଡ଼ଗଛ | ବୁଦାଳିଆ ଗଛ | ଲତା |
|---|---|---|
| ଆମ୍ବ | ଗୋଲାପ | କାକୁଡ଼ି |
| | | |
| | | |
| | | |
| | | |
| | | |

## ଶୁଣ, ବୁଝ ଓ କୁହ

ଫଳ ଉପରେ ତା' ଅଛି ପତର
ଆବଡ଼ା ଖାବଡ଼ା ଦେହ ତାହାର
ପତର ରହିଛି କଣ୍ଟାରେ ଭରି
ଫଳଟି ଲାଗଇ ସୁଆଦ ଭାରି
ଏ ଫଳର ନାମ ଯିଏ କହିବ
ରେଳରେ ବସି ସେ କଟକ ଯିବ ।

କଞ୍ଚାରେ ପରିବା ପାଚିଲେ ଫଳ
ପାଚିଲେ ବାସଇ ଖଣ୍ଡ ମଣ୍ଡଳ
କଣ୍ଟାରେ ଭରିଛି ତା' ଦେହସାରା
ତା' ନାଁ'ଟି କିଏ କହିବ ପରା ।

ଲଙ୍କା ନୁହେଁ ସିଏ ଅଟଇ ଫଳ
ଆମ୍ବ ନୁହେଁ ହେଲେ ଫୁଟେ ବଉଳ
ଉପରେ ଫଳ ତା' ତଳକୁ ମଞ୍ଜି
କହିଦିଅ ତା'ର ନାମକୁ ଖଞ୍ଜି ।



## ଅଧ୍ୟାୟ - ୨

# ବାଇଚଢ଼େଇ ଓ ହାତୀ

ଗୋଟିଏ ବଣ ଥିଲା । ସେଠାରେ ଗୋଟିଏ ତମାଳ ଗଛରେ ବାଇ ଚଢ଼େଇଟିଏ ଓ ତା'ର ସ୍ତ୍ରୀ ବସା କରି ରହୁଥିଲେ । ଥରେ ସ୍ତ୍ରୀ ଚଢ଼େଇଟି କେତେଗୁଡ଼ିଏ ଅଣ୍ଡା ଦେଲା ।

ଦିନେ ଭାରି ଖରା ହେଉଥାଏ । ଗୋଟିଏ ବଣୁଆ ହାତୀ ଆସି ତମାଳ ଗଛର ଛାଇରେ ବିଶ୍ରାମ ନେଲା । କିଛି ସମୟ ପରେ ସେ ଶୁଣ୍ଢ ବଢ଼େଇ ତମାଳ ଗଛର ଡାଳସବୁ ଭାଙ୍ଗିବାକୁ ଲାଗିଲା । ବାଇ ଚଢ଼େଇ ଯେଉଁ ଡାଳରେ ବସା କରିଥାଏ, ସେ ଡାଳଟି ମଧ୍ୟ ଭାଙ୍ଗିଗଲା । ଅଣ୍ଡାଗୁଡ଼ିକ ତଳେ ପଡ଼ି ନଷ୍ଟ ହୋଇଗଲା । ବାଇ ଚଢ଼େଇ ଦୁଇଟି ଉଡ଼ି ପଳାଇ ଯିବାରୁ ରକ୍ଷା ପାଇଗଲେ ।

ନିଜର ଅଣ୍ଡାଗୁଡ଼ିକ ଭାଙ୍ଗିଯିବାରୁ ସ୍ତ୍ରୀ ଚଢ଼େଇଟି ମନଦୁଃଖରେ ସବୁବେଳେ କାନ୍ଦିଲା । ଗୋଟିଏ କାଠହଣା ଚଢ଼େଇ ତା'ର ସାଙ୍ଗ ଥିଲା । ସେ ତା'ର ଦୁଃଖ ସହିପାରିଲା ନାହିଁ । ଦିନେ ତାକୁ କହିଲା – "ତୁମେ ସବୁବେଳେ କାହିଁକି କାନ୍ଦୁଛ ? ନଷ୍ଟ ହୋଇଯାଇଥିବା ବସ୍ତୁ, ମରିଯାଇଥିବା ପ୍ରାଣୀ ଓ ଘଟି ଯାଇଥିବା ଘଟଣା ବିଷୟରେ ଚିନ୍ତା କରି ଜ୍ଞାନୀ ଲୋକମାନେ କେବେହେଲେ ଦୁଃଖ କରନ୍ତି ନାହିଁ ।"

ବାଇ ଚଢ଼େଇ କହିଲା – "ତା' ସତ । କିନ୍ତୁ ହାତୀ ମୋର ପିଲାମାନଙ୍କୁ ମାରିଛି । ସେ ଦଣ୍ଡ ନ ପାଇବା ପର୍ଯ୍ୟନ୍ତ ମୋ ମନ ଶାନ୍ତ ହେବ ନାହିଁ ।"





କାଠହଣା ଚଢ଼େଇ କହିଲା – " ଠିକ୍ ଅଛି । ସାଙ୍ଗ ହୋଇ ଯଦି ମୁଁ ବିପଦବେଳେ ସାହାଯ୍ୟ ନ କଲି, ତେବେ ମୁଁ କି ସାଙ୍ଗ ? ମୁଁ ତୁମକୁ ନିଶ୍ଚୟ ସାହାଯ୍ୟ କରିବି । ବୀଣାରବା ବୋଲି ଗୋଟିଏ ମହୁମାଛି ମୋର ବନ୍ଧୁ । ମୁଁ ତାକୁ ଡାକି ଆଣିବି । ସେ ଆମକୁ ସାହାଯ୍ୟ କରିବ ।"

କାଠହଣା ଚଢ଼େଇ ମହୁମାଛିକୁ ଡାକିଆଣି ବାଇ ଚଢ଼େଇ ସହ ପରିଚୟ କରାଇ ଦେଲା ଓ ତା'ର ବିପତ୍ତି ବିଷୟରେ କହିଲା । ଏକଥା ଶୁଣି ମହୁମାଛି ତାକୁ କହିଲା – " ତୁମେ ମୋର ସାଙ୍ଗର ସାଙ୍ଗ । ତେଣୁ ମୁଁ ତୁମକୁ ନିଶ୍ଚୟ ସାହାଯ୍ୟ କରିବି । ମେଘନାଦବୋଲି ଗୋଟିଏ ବେଙ୍ଗ ମୋର ସାଙ୍ଗ । ତା' ପାଖକୁ ଯିବା । ସେ ମଧ୍ୟ ଆମକୁ ସାହାଯ୍ୟ କରିବ ।"

ସେମାନେ ସମସ୍ତେ ମିଶି ମେଘନାଦପାଖକୁ ଗଲେ । ସବୁ ଶୁଣି ମେଘନାଦକହିଲା –" ମୁଁ ତୁମକୁ ଯାହା କହୁଛି, ତୁମେମାନେ ସେହି ଅନୁସାରେ କାମ କର । ତା'ପରେ ସେ କାହାକୁ କ'ଣ କରିବାକୁ ହେବ ବତାଇ ଦେଲା ।"

ଦିନେ ଖରାବେଳେ ହାତୀ ଗୋଟିଏ ଛାଇ ଜାଗାରେ ବିଶ୍ରାମ କରୁଥାଏ । ମହୁମାଛିଟି ଯାଇ ତା' କାନ ପାଖରେ ଗୁଣୁଗୁଣୁ ସ୍ୱରରେ ଗୀତ ଗାଇବାକୁ ଲାଗିଲା । ଗୀତ ଶୁଣି ହାତୀ ଆନନ୍ଦରେ ବିଭୋର ହୋଇଗଲା ଓ ଆଖି ବନ୍ଦ କରି ଝୁଲିବାକୁ ଲାଗିଲା । ଏହି ସୁଯୋଗରେ କାଠହଣା ଚଢ଼େଇ ଉଡ଼ିଆସି ତା'ର ଆଖି ଦୁଇଟିକୁ ବାରମ୍ବାର ଖୁମ୍ପି ହାତୀକୁ ଅନ୍ଧ କରିଦେଲା । ଏଣେ ଖରାଯୋଗୁ ହାତୀକୁ ଶୋଷ ଲାଗୁଥାଏ । ସେ ଉଠି ଏଣେତେଣେ ବୁଲି ପାଣି ଖୋଜିଲା । କିଛି ଦୂରରେ ଗୋଟିଏ ବଡ଼ ଗାତ ଥାଏ । ବେଙ୍ଗ ତା ଭିତରେ ଥାଇ ଶବ୍ଦ କଲା । ସେ ଶବ୍ଦ ଶୁଣି ସେଠାରେ ପୋଖରୀ ଅଛି ବୋଲି ଭାବି ହାତୀ ସେହି ଦିଗକୁ ଗଲା ଓ ଗାତରେ ପଡ଼ି ମରିଗଲା ।

ବାଇ ଚଢ଼େଇ ଦୁଇଟିଙ୍କୁ ଦୁର୍ବଳ ଭାବି ଅତ୍ୟାଚାର କରିଥିବା ହେତୁ, ହାତୀ ତା'ର ଉପଯୁକ୍ତ ଦଣ୍ଡ ପାଇଲା ।

(ପଞ୍ଚତନ୍ତ୍ରରୁ ସଂଗୃହୀତ)



## ଆସ ପଢ଼ିବା :


**ବୁଝ ଓ ପଢ଼ :**



(କ) ମାଙ୍କଡ଼ର ଲାଞ୍ଜ ଲମ୍ବା ।



(ଖ) ହାତୀର ଲମ୍ବା ଶୁଣ୍ଢ ଅଛି ।



(ଗ) ମୟୂରର ପୁଚ୍ଛ ସୁନ୍ଦର ।

(ଘ) କୁକୁଡ଼ା ମୁଣ୍ଡରେ ନାଲି ମୁକୁଟ ।



**୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦକୁ ନେଇ ବାକ୍ୟ ପୂରଣ କର ।**

**(ସାହସୀ, ପିତା, ଭଲ, ସବୁଜ, ପିଠା, ଲମ୍ବା)**

(କ) କୁନି ଏକ ............... ଝିଅ ।

(ଖ) ବଳରାମ ତା' ସାଙ୍ଗମାନଙ୍କ ଭିତରେ ସବୁଠାରୁ ............. ପିଲା ।

(ଗ) ଗଛର ପତ୍ର ...........ଅଟେ ।

(ଘ) ବିଲୁ ଗୋଟିଏ .................. ପିଲା ।

(ଙ) ପଣସ ପାଚିଲେ .............. ଲାଗେ ।

**୨. ଠିକ୍ ଶବ୍ଦ ପାଖ କୋଠରିରେ ଠିକ୍ ଚିହ୍ନ (✓) ଦିଅ ।**

| | | | | |
|---|---|---|---|---|
| (କ) | ନଇକୂଳ | ☐ | ନଈକୂଳ | ☐ |
| | ସିଆଳି ଲଟା | ☐ | ଶିଆଳି ଲଟା | ☐ |
| | ଯାନିଯାତ୍ରା | ☐ | ଜାନିଯାତ୍ରା | ☐ |



DRAFT



## ଆସ କଥା ହେବା

୧. ବାଇ ଚଢ଼େଇର ବସା କିପରି ଭାଙ୍ଗିଲା ?

୨. ଜ୍ଞାନୀ ଲୋକମାନେ କାହିଁକି କେବେହେଲେ ଦୁଃଖ ପ୍ରକାଶ କରନ୍ତି ନାହିଁ ?

୩. କାଠହଣା ଚଢ଼େଇ, ବାଇ ଚଢ଼େଇକୁ କାହା ପାଖକୁ ନେଲା ?

୪. ତୁମେ କେଉଁ ଚଢ଼େଇର ବସା ଦେଖିଛ ?

୫. ଗଛ କୋରଡ଼ରେ ରହୁଥିବା କେତୋଟି ପକ୍ଷୀଙ୍କର ନାମ କୁହ ?



## ଚିନ୍ତା କର ଓ ଲେଖ

୧. କେଉଁ ଚଢ଼େଇ କିପରି ସ୍ୱର କରନ୍ତି । ତୁମେ ସେହି ସ୍ୱର କର । ମହୁମାଛି ଯେପରି ଗୁଣୁଗୁଣୁ ଶବ୍ଦ କରେ ସେହିପରି କାଉ, କୋଇଲି, କୁକୁଡ଼ା, ହଳଦି ବସନ୍ତ, ପେଚା, କୁମ୍ଭାଟୁଆର ସ୍ୱର ଅନୁକରଣ କରି କୁହ ।

ଉତ୍ତର :.......................................................................................................................

୨. ବାଇ ଚଢ଼େଇ କେଉଁଠାରେ ବସା କରିଥିଲା ?

ଉତ୍ତର :.......................................................................................................................

୩. ତୁମେ ତୁମ ସାଙ୍ଗକୁ କେବେ ସାହାଯ୍ୟ କରିଛ କି ? ଯଦି କରିଛ, ସେ ବିଷୟରେ ଲେଖ ?

ଉତ୍ତର :.......................................................................................................................

୪. ମେଘନାଦ ଚଢ଼େଇମାନଙ୍କୁ (କି ବୁଦ୍ଧି ଦେଲା) କ'ଣ କରିବାକୁ କହିଲା ? ନିଜ ଭାଷାରେ ଲେଖ ।


ଉତ୍ତର :.......................................................................................................................

୫. ହାତୀ କାହା ସ୍ୱର ଶୁଣି ଆନନ୍ଦରେ ବିଭୋର ହୋଇଗଲା ?

ଉତ୍ତର :.......................................................................................................................

୬. ତୁମେ ବାଇ ଚଢ଼େଇ ହୋଇଥିଲେ, କ'ଣ କରିଥାଆନ୍ତ ?

ଉତ୍ତର :.......................................................................................................................





## ବୁଝ ଓ ଲେଖ

୧. ତଳ ଅନୁଚ୍ଛେଦଟିକୁ ପଢ଼ି **ନାଲି** ଚିହ୍ନିତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକୁ ତଳ କୋଠରିରେ ଲେଖ ।

ମିତା କୂଅରୁ ପାଣି କାଢୁଥିଲା । ତା'ହାତରୁ ବାଲ୍ତି କୂଅରେ ଖସିପଡ଼ିଲା । ସଙ୍ଗେ ସଙ୍ଗେ ବାଲ୍ତିଟି **ତଳ**କୁ ପଳାଇଲା । ସମୀର **ଦୂର**ରେ ଖେଳୁଥିଲା । ମିତା ତାକୁ ଡାକିଲା ।  ସମୀର **ଲମ୍ବା** ବାଉଁଶଟି ଧରି ଆସିଲା । କୂଅ **ଭିତର**କୁ ବାଉଁଶ ପୂରାଇ ବୁଲାଇଲା । କିଛି ସମୟ ପରେ ବାଉଁଶଟି ବାଲ୍ତିରେ ଲାଗିଲା । ସମୀର ଧୀରେ ଧୀରେ ବାଲ୍ତିଟିକୁ ଉପରକୁ ଉଠାଇ ଆଣିଲା । ମିତା **ଖୁସି** ହୋଇଗଲା ଓ ସମୀରକୁ ଧନ୍ୟବାଦ ଦେଲା ।

ଯେପରି - ତଳ– ଉପର    ଲମ୍ବା– [ ]    ଖୁସି– [ ]

ସେପରି - ଦୂର [ ]    ଭିତର [ ]

୨. ବାକ୍ୟଗୁଡ଼ିକୁ ସଜାଡ଼ି ଲେଖ ?

(କ) ତମାଳ ଗଛରେ ବସା କରିଥିଲା ବାଇ ଚଢ଼େଇ

.................................................................

(ଖ) ଭାରି ଦିନେ ଖରା ହେଉଥାଏ

.................................................................

(ଗ) ମହୁମାଛି କାଠହଣା ଚଢ଼େଇ ବାଇଚଢ଼େଇକୁ ପାଖକୁ ନେଇଗଲା

.................................................................

(ଘ) ମୋର ବନ୍ଧୁ ଗୋଟିଏ ମହୁମାଛି ବୀଣାରବା ବୋଲି

.................................................................

୩. ସାରଣୀରେ ଥିବା ଅକ୍ଷରକୁ ଯୋଡ଼ି ପକ୍ଷୀମାନଙ୍କର ନାମ ଖୋଜି ଲେଖ ।

| | | | | | | |
|---|---|---|---|---|---|---|
| ବା | ଇ | ଟ | କୋ | ଇ | ଲି | .......................... |
| କ | ଜ | ଳ | ପା | ଡି | ଚ | .......................... |
| ହା | ତୀ | ମ | ହୁ | ମା | ଛି | .......................... |
| କା | ଠ | ହ | ଣା | ଶୁ | ଆ | .......................... |
| ବ | ଣି | ଘ | ର | ଚ | ଟି | .......................... |





DRAFT

## ବୁଝ ଓ ଲେଖ

| ବାକ୍ୟ | କିଏ କହୁଥିଲେ | କାହାକୁ କହୁଥିଲେ |
|---|---|---|
| ସାଙ୍ଗ ହୋଇ ଯଦି ମୁଁ ବିପଦ ବେଳେ ସାହାଯ୍ୟ ନ କଲି, ତେବେ ମୁଁ କି ସାଙ୍ଗ ? | | |
| ମୋ ମନରୁ ପିଲାଙ୍କ ଦୁଃଖ ଯିବ । | | |
| ତୁମେ ସବୁବେଳେ କାହିଁକି କାନ୍ଦୁଛ ? | | |

## ଭାବି କୁହ

ମୋଟା ମୋଟା ଗୋଡ଼ ତାର
ଲମ୍ବା ଲମ୍ବା ଦାନ୍ତ
ପାଦ ଯାଏ ଲମ୍ବି ଥାଏ
ସାପ ପରି ନାକ ।
ଡାଳ ଭାଙ୍ଗେ ପତର ଖାଏ
ଅତି ବଳ ତା'ର
କଳା କଳା ଦେହଥାଏ
କୁହ ନାମ ତା'ର ?

**ତୁମେ କହିଥିବା ଉତ୍ତରର ଚିତ୍ର କର ।**

ଉତ୍ତର : ____________________

**ତୁମ ପାଇଁ କାମ :**

ଆଜି ଆମେ ପଞ୍ଚତନ୍ତ୍ରର କାହାଣୀଟିଏ ଶୁଣିଲେ । ପଞ୍ଚତନ୍ତ୍ରରେ ଆହୁରି ଅନେକ କାହାଣୀ ରହିଛି । ତୁମେ ପଞ୍ଚତନ୍ତ୍ର ଗଳ୍ପ ସଂଗ୍ରହ କରି ପଢ଼ ଓ ଶ୍ରେଣୀରେ ସାଙ୍ଗମାନଙ୍କୁ କୁହ ।

DRAFT

# ବନ୍ଧୁଙ୍କୁ ପତ୍ର




ସ୍ଥାନ : ଖମାରବେଲରପା
ତା. : ୦୮.୦୪.୨୦୨୫

ପ୍ରିୟର ସିଦ୍ଧାର୍ଥ,

ମୋର ଶୁଭେଚ୍ଛା ନେବୁ । ଆଶା କରୁଛି, ତୁମେ ପରିବାର ସହ ଭଲରେ ଥିବ । ପରିବାରର ସମସ୍ତ ଗୁରୁଜନ ଓ ଲଘୁଜନମାନଙ୍କୁ ମୋର ଯଥାମାନ୍ୟ ଜଣାଇଦେବୁ ।

ଖରାଛୁଟିରେ ମୁଁ ଓ ବୋଉ ମାମୁଘରକୁ ଯାଇଥିଲୁ । ମୋ' ମାମୁଘର ପୁରୀରେ । ଆମେ 'ବନ୍ଦେ ଭାରତ ଏକ୍ସପ୍ରେସ୍'ରେ ବସି ପୁରୀ ଗଲୁ । ଜେଜେମା'ଙ୍କ ଦେହ ଭଲ ନ ଥିବାରୁ ବାପା ଘରେ ରହିଲେ । ସେ ଘରେ ରହି ଜେଜେମା'ଙ୍କର ଯତ୍ନ ନେଲେ । ମୁଁ, ମାମୁ, ମାଇଁ ଓ ବୋଉ ମିଶି ପୁରୀ ଓ କୋଣାର୍କ ବୁଲିଲୁ । ଜଗନ୍ନାଥ ମନ୍ଦିର ପାଇଁ ପୁରୀ ପୃଥିବୀ ପ୍ରସିଦ୍ଧ । ପ୍ରତିବର୍ଷ ପୁରୀରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହୁଏ । ରଥଯାତ୍ରା ଦେଖିବା ପାଇଁ ବହୁତ ଭିଡ଼ ହୁଏ । ପୁରୀର ସମୁଦ୍ରକୂଳ ବହୁତ ସୁନ୍ଦର । ସମୁଦ୍ରକୂଳରେ ବୁଲିବା ପାଇଁ ଦେଶ ବିଦେଶରୁ ବହୁତ ଲୋକ ଆସିଥାଆନ୍ତି । ବିଦେଶରୁ ଓ ଅନ୍ୟ ରାଜ୍ୟରୁ ଉଡ଼ାଜାହାଜରେ ଲୋକମାନେ ଆସି ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଓହ୍ଲାଇଥାଆନ୍ତି । ସେଠାରୁ ବସ୍ ଓ କାର୍ ଯୋଗେ ପୁରୀ ଓ କୋଣାର୍କ ବୁଲିବା ପାଇଁ ଯାଆନ୍ତି ।

ପୁରୀଠାରୁ କିଛି ଦୂରରେ ଚନ୍ଦ୍ରଭାଗା ନଦୀ ବହିଯାଉଛି । ସେହି ନଦୀର ମୁହାଣରେ କୋଣାର୍କ ମନ୍ଦିର ଅଛି । ରାଜା ନରସିଂହଦେବ ବାରଶହ ବଢ଼େଇଙ୍କୁ ଲଗାଇ ଏହି ମନ୍ଦିର ତିଆରି କରାଇଥିଲେ । ଏଠାରେ ସୂର୍ଯ୍ୟଦେବତାଙ୍କୁ ପୂଜା କରାଯାଏ । ମନ୍ଦିରଟି ଦେଖିବାକୁ ଠିକ୍ ଗୋଟିଏ ରଥ ପରି । ସେହି ରଥରେ ସାତୋଟି ଘୋଡ଼ା ଓ ଚବିଶଟି ଚକ ରହିଛି । ବାର ବର୍ଷର ବାଳକ ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡି ମାରିଥିଲା । କୋଣାର୍କ ମନ୍ଦିର ନିକଟରେ ଥିବା ବେଳାଭୂମିରେ ଆମେ ଚାଲି ଚାଲି ବୁଲିଲୁ । ମାମୁ କହୁଥିଲେ ସୁସ୍ଥ ରହିବା ପାଇଁ ଚାଲିବା, ଖେଳିବା, ସାଇକେଲ ଚଲାଇବା, ଦୌଡ଼ିବା ଓ ପହଁରିବା ବହୁତ ଜରୁରୀ । ବାପା ମତେ ଏଥର ପହଁରିବା ଶିଖାଇଛନ୍ତି । ଆଉ ପ୍ରତିଦିନ ସକାଳୁ ମୁଁ ମୋ ପିଉସୀଙ୍କ ସହ ମିଶି ଯୋଗ ଓ ବ୍ୟାୟାମ କରୁଛି । ଏସବୁ କରିବାଦ୍ୱାରା ମୋର ଦେହ ଓ ମନ ସୁସ୍ଥ ରହୁଛି । କାମ କରିବାକୁ ମଧ୍ୟ ଆଗ୍ରହ ଆସୁଛି । ତେଣୁ ତୁ' ମଧ୍ୟ ସୁବିଧା କରି ଏ ସବୁଥିରୁ କିଛି କିଛି



କରିବା ପାଇଁ ଚେଷ୍ଟା କର । କାରଣ ସୁସ୍ଥ ଶରୀର ଓ ମନ ପାଇଁ ଶାରୀରିକ ବ୍ୟାୟାମ ନିତାନ୍ତ ଆବଶ୍ୟକ । ମୁଁ ମୋ ସାଙ୍ଗସାଥୀଙ୍କ ସହ କ୍ରିକେଟ, କବାଡ଼ି, ଖୋଖୋ ପରି ଖେଳ ଖେଳୁଛି ।

ତୁମେ ଖରାଛୁଟିରେ କେଉଁଆଡ଼େ ବୁଲିବାକୁ ଯାଇଥିଲ, ସେ ବିଷୟରେ ପତ୍ର ଲେଖି ଜଣାଇବୁ । ଯଦି ସୁବିଧା ହୁଏ ମଉସା, ମାଉସୀ ଓ ନିକିକୁ ନେଇ ଆମ ଘର ଆଡ଼େ ବୁଲି ଆସିବୁ । ତୋର ଚିଠି ଅପେକ୍ଷାରେ ରହିଲି ।

ଇତି


ତୋର ଅନ୍ତରଙ୍ଗ ବନ୍ଧୁ

**ଜିତେନ୍ଦ୍ର**

ଠିକଣା

| ପ୍ରେରକ | ପ୍ରାପକ |
| --- | --- |
| ଶ୍ରୀ ଜିତେନ୍ଦ୍ର ସାହୁ | ଶ୍ରୀ ସିଦ୍ଧାର୍ଥ ରାଉତ |
| ଗ୍ରା : ଖମାରବେଲରପା | ଗ୍ରା : ବେଲପଡ଼ା |
| ପୋ.ଅ.- ସାହାନିଆପୁର | ପୋ.ଅ.- ସଇଁତଳା |
| ଜି - କେନ୍ଦ୍ରାପଡ଼ା | ଜି - ବଲାଙ୍ଗୀର |
| ପିନ୍ - ୭୫୪୨୦୭ | ପିନ୍ - ୭୬୭୦୨୬ |

ଟିକେଟ୍



## ଆସ କଥାବାର୍ତ୍ତା ହେବା

୧. ଜିତେନ୍ଦ୍ର କାହାକୁ ଚିଠି ଲେଖିଥିଲା ଓ ସେଥିରେ କ'ଣ ଲେଖିଥିଲା ?

୨. ଜିତେନ୍ଦ୍ର ଛୁଟି କଟାଇବାକୁ କେଉଁଠାକୁ ଯାଇଥିଲା ?

୩. ତୁମେ ଏ ବର୍ଷ ଗ୍ରୀଷ୍ମଛୁଟି କଟାଇବାକୁ କେଉଁଠାକୁ ଯାଇଥିଲ କୁହ ?

୪. ଶାରୀରିକ ଶ୍ରମ ପାଇଁ ମାମୁ ତାକୁ କ'ଣ କ'ଣ କରିବାକୁ କହୁଥିଲେ ?

୫. ତୁମେ କେଉଁସବୁ ସ୍ଥାନକୁ ବୁଲିବାକୁ ଯାଇଛ, ତାହାର ନାମ ଲେଖ ।

## ଚିନ୍ତା କର ଓ ଲେଖ

୧. ଏହି ପତ୍ରରୁ ପୁରୀ ସହର ବିଷୟରେ କ'ଣ ସବୁ ଜାଣିବାକୁ ମିଳିଲା ?

ଉତ୍ତର.......................................................................................................

୨. ଶାରୀରିକ ପରିଶ୍ରମ କରିବା କାହିଁକି ଆବଶ୍ୟକ ? ତୁମେ ପ୍ରତିଦିନ ଶାରୀରିକ ପରିଶ୍ରମ କରୁଛ କି ?

ଉତ୍ତର.......................................................................................................

୩. ଜିତେନ୍ଦ୍ର କେଉଁସବୁ ଖେଳ ଖେଳେ ବୋଲି ସାଙ୍ଗଙ୍କୁ ଲେଖିଥିଲା ?

ଉତ୍ତର.......................................................................................................

୪. ତୁମକୁ କେଉଁ ଖେଳ ଖେଳିବାକୁ ଭଲ ଲାଗେ ? ସେଗୁଡ଼ିକର ନାମ ଲେଖ ।

ଉତ୍ତର.......................................................................................................

DRAFT







ତୁମେ ଯେଉଁ ପ୍ରସଙ୍ଗଟି ପଢ଼ିଲ ସେଥିରେ କେତେକ ଖେଳର ନାମ ଅଛି । ସାରଣୀରୁ ବାଛି ଖାଲି ସ୍ଥାନରେ ଲେଖ ।

୧.

| | | | | | |
|---|---|---|---|---|---|
| କ | କ୍ରି | ଫୁ | ଟ | ବ | ଲ୍ |
| ବା | ଖୋ | କେ | ର | ସ | ମ୍ |
| ଡ଼ି | ଖୋ | ଡ | ଟ୍ | ଭ | ଲି |
| ର | ନ | ପ | ଷ | ଶ | ଜ |
| ଇ | ଠ | ଟେ | ନି | ସ୍ | ଣ |
| ଡ | ଖ | ଗ | ଚ | ଡୁ | ଲୁ |

ଯେପରି : କ୍ରିକେଟ୍ ____________

____________

____________

____________

____________

____________


୨. ତୁମ ବିଦ୍ୟାଳୟରେ ତୁମେ କେଉଁ ସବୁ ଖେଳ ଖେଳିବାକୁ ଭଲ ପାଅ ? ତା'ର ନାମ ଲେଖ ।

____________ ____________ ____________ ____________

____________ ____________ ____________ ____________

୩. ପ୍ରସଙ୍ଗରେ ଥିବା 'ର' ଫଳାଯୁକ୍ତ ଶବ୍ଦ ବାଛି ଲେଖ ଓ ବାକ୍ୟ ଗଠନ କର ।

(କ) ଯେପରି - ରଥଯାତ୍ରା



(ଖ) ପତ୍ରରେ ବ୍ୟବହୃତ ହୋଇଥିବା ରେଫ ( ର୍ ) ଯୁକ୍ତ ଶବ୍ଦକୁ ବାଛି ଲେଖ ଓ ବାକ୍ୟ ଗଠନ କର ।

ଯେପରି – ସିଦ୍ଧାର୍ଥ ____________________

____________________

____________________

୪. ଶବ୍ଦର ଶେଷ ଅକ୍ଷରକୁ ନେଇ ନୂଆ ଶବ୍ଦ ଗଢ଼ ଓ ଲେଖ ।

ଘର → ରସ → ☐ → ☐ →

→ ☐ → ☐ →

୫. ତଳେ ଦିଆଯାଇଥିବା କୋଠରିରେ ନାମକୁ ବୁଝାଉଥିବା ଶବ୍ଦକୁ ଖୋଜି ରଙ୍ଗ ଦିଅ ।

| | | | |
|---|---|---|---|
| ସିଦ୍ଧାର୍ଥ | ସେ | ତା | ଜିତେନ୍ଦ୍ର |
| ପୁରୀ | ଭାଇ | ମୋର | କୋଣାର୍କ |
| ବେଲରପା | କିଛି | ଦେବ | କଟକ |

## ଅଧିକ ଜାଣିବା କଥା

ଓଡ଼ିଶାରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀଗୁଡ଼ିକର ନାମ ଲେଖ – ଯେପରି କୋଣାର୍କ, ଲିଙ୍ଗରାଜ ମନ୍ଦିର, ଗୁପ୍ତେଶ୍ୱର

________ ________ ________ ________ ________ ________ ________ ________

(ଶ୍ରେଣୀରେ ଶିକ୍ଷକଙ୍କ ସହ ପ୍ରସିଦ୍ଧ ସ୍ଥାନଗୁଡ଼ିକ ବିଷୟରେ ଆଲୋଚନା କର ।)






୨. ତୁମ ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀର ନାମ ଲେଖ ।
(ଗୁରୁଜନମାନଙ୍କର ସାହାଯ୍ୟ ନେଇ)

________ ________ ________ ________

________ ________ ________ ________



୩. ଯେପରି ଇଟିକିଲି ମିଟିକିଲି ଖେଳ ଗୀତ ଗାଇ ଗାଇ ଖେଳାଯାଏ, ସେହିପରି ତୁମ ଅଞ୍ଚଳର ପିଲାମାନେ କେଉଁ ଖେଳସବୁ ଗୀତ ଗାଇ ଗାଇ ଖେଳିଥା'ନ୍ତି ସେଗୁଡ଼ିକର ନାମ ଲେଖ।



______________________

______________________

______________________

______________________

୪. ଚିତ୍ର ଦେଖି ତଳ କୋଠରିରେ ଚିତ୍ରଗୁଡ଼ିକର ନାମ ଲେଖ।

## ନିଜେ କର

ତୁମେ ଦଶହରା ଛୁଟି କିପରି ପାଳନ କଲ, ସେ ବିଷୟରେ ବର୍ଣ୍ଣନା କରି ତୁମର ସାଙ୍ଗ ନିକଟକୁ ପତ୍ର ଲେଖ।

ପ୍ରିୟ ____________ ସ୍ଥାନ :

ତା :

---------------------------------------------------------------

---------------------------------------------------------------

---------------------------------------------------------------

------------------------------------ ॥ ଇତି ॥

ତୁମର ବନ୍ଧୁ ____________

**ଠିକଣା**

| ପ୍ରେରକ | ପ୍ରାପକ | ଟିକେଟ୍ |
|---|---|---|
| ____________ | ____________ | |
| ____________ | ____________ | |
| ____________ | ____________ | |

DRAFT

# ବୁଦ୍ଧିର ଖେଳ

## - ପ୍ରଥମ ଦୃଶ୍ୟ -

(ଜଙ୍ଗଲର ଦୃଶ୍ୟ । ସିଂହ ସମସ୍ତ ପଶୁଙ୍କୁ ଗୋଡ଼ାଉଥିବ । ପଶୁମାନେ ଏଣେ ତେଣେ ଦୌଡ଼ୁଥିବେ ।)

ସିଂହ - ଏହି ଜଙ୍ଗଲରେ ସବୁ ପଶୁମାନଙ୍କୁ ମୁଁ ମାରିକି ଖାଇବି, ହାଃ ହାଃ ........

ଆରେ ଗୋଟେ ହରିଣ ଆସୁଛି ତ, ଏହାକୁ ଆଗେ ଖାଇବି........ !

ହରିଣ - ନା, ମହାରାଜ, ମୋତେ ଖାଆନ୍ତୁ ନାହିଁ । ମୋ' ପ୍ରତି ଦୟା କରନ୍ତୁ । ମୋର ଛୋଟଛୋଟ ପିଲାମାନେ ଅଛନ୍ତି । ସେମାନେ ମୋ' ବିନା ରହିପାରିବେ ନାହିଁ ।

ସିଂହ - ମୁଁ ଯଦି ତୋତେ ଦୟା ଦେଖାଇ ଛାଡ଼ିଦେବି, ତାହେଲେ ମୁଁ କ'ଣ ଖାଇବି ?





## - ଦ୍ୱିତୀୟ ଦୃଶ୍ୟ -

(ସବୁ ପଶୁ ଓ ସେମାନଙ୍କ ଦଳପତି ହାତୀ ରହିଥିବାର ଦୃଶ୍ୟ)

ହରିଣ - ଭାଇମାନେ, ସେଦିନ ମୁଁ ବହୁତ କଷ୍ଟରେ ସିଂହ କବଳରୁ ଜୀବନ ବଞ୍ଚାଇଲି । ସେ କଥା ମନେପଡ଼ିଲା ବେଳକୁ ଦେହ ମୋର ଥରି ଉଠୁଛି ।

ଭାଲୁ - ଏବେ କ'ଣ କରିବା, ଦଳପତି ? ସିଂହ କବଳରୁ କିପରି ରକ୍ଷାପାଇବା ?

ହାତୀ (ଦଳପତି) - ଚାଲ, ଆମେ ସମସ୍ତେ ଆଜି ସିଂହ ପାଖକୁ ଯିବା । ତାଙ୍କୁ ବୁଝାଇବା । ସେ ଏକାଦିନେ ସବୁ ପଶୁଙ୍କୁ ମାରି ଖାଇବେ ନାହିଁ । ପ୍ରତିଦିନ ଗୋଟିଏ ଗୋଟିଏ ପଶୁକୁ ମାରିକି ଖାଇବେ ।

ବିଲୁଆ - ହଁ ଦଳପତି, ଏଇଟା ଭଲ ହେବ । ତେବେ ଆମେ କ'ଣ ସିଂହ ରାଜାଙ୍କ ପାଖକୁ ଯିବା ?

ହାତୀ - ହଁ ନିଶ୍ଚୟ ଯିବା । ସମସ୍ତେ ମୋ' ପଛେ ପଛେ ଆସ ।

## - ତୃତୀୟ ଦୃଶ୍ୟ -

(ସିଂହ ଗୁମ୍ଫା ପାଖରେ ବସିଛି । ସବୁ ପଶୁମାନେ ଆସିଛନ୍ତି । ଏକା ସ୍ୱରରେ ମହାରାଜାଙ୍କ ଜୟ ଜୟ କାର କରି ସିଂହଙ୍କ ପାଖରେ ପହଞ୍ଚିଛନ୍ତି ।)

 ତୁମେମାନେ ଆଜି ମୋ' ପାଖକୁ କ'ଣ ପାଇଁ ଆସିଛ ?

ହାତୀ – ନମସ୍ତେ, ମହାରାଜ । ଆପଣ ଆମ ଜଙ୍ଗଲର ରାଜା । ଆମେ ଆମ ଦୁଃଖ ଜଣାଇବାକୁ ଆସିଛୁ । ଆମ ଦୁଃଖ ଶୁଣନ୍ତୁ ମହାରାଜ !

ସିଂହ – କୁହ, କି ଦୁଃଖ ଜଣାଇବାକୁ ଆଜି ସମସ୍ତେ ଆସିଛ ?

ହରିଣ – ମହାରାଜ ! ଆପଣ ଯେତେବେଳେ ପଶୁ ଶିକାର କରୁଛନ୍ତି, ସେତେବେଳେ ଜଙ୍ଗଲର ପଶୁମାନେ ପ୍ରାଣ ବିକଳରେ ଦୌଡ଼ୁଛନ୍ତି । ଅନେକ ପଶୁ ଖଣ୍ଡିଆଖାବରା ହୋଇ ମରୁଛନ୍ତି । ଗୋଟିଏ ଦିନରେ ଆପଣ ଯେତିକି ପଶୁକୁ ମାରୁଛନ୍ତି, ସେତିକି ଖାଇପାରୁ ନାହାନ୍ତି । ତେଣୁ ଆମେ ନିଷ୍ପତ୍ତି ନେଇଛୁ ଯେ ପ୍ରତିଦିନ ଆପଣଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବୁ । ପ୍ରତିଦିନ ଗୋଟିଏ ଲେଖାଏଁ ପଶୁ ଆପଣଙ୍କ ପାଖକୁ ଆସିବୁ । ଆପଣ ଆମକୁ ଖାଇ ଭୋକ ମେଣ୍ଟାଇବେ ।

ଜିରାଫ୍ – ହଁ ମହାରାଜ, ଆପଣଙ୍କୁ ଆଉ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ଆମ ଉପରେ ଦୟା କରନ୍ତୁ ମଣିମା ।

ସିଂହ – ହଉ, ଠିକ୍ ଅଛି । ଆଜିଠାରୁ ମୁଁ ତୁମ ପ୍ରସ୍ତାବରେ ରାଜି ହେଲି । ଏବେ ତୁମେ ସବୁ ନିଜ ନିଜ ଘରକୁ ଯାଅ । ମୁଁ ଏବେ ଶୋଇବି ।

## – ଚତୁର୍ଥ ଦୃଶ୍ୟ –

(ସିଂହ ପାଖକୁ ଯିବା ପାଇଁ ଠେକୁଆର ପାଳି ପଡ଼ିଛି । ଠେକୁଆଟିଏ ପଥର ଉପରେ ବସି ଭାବୁଥିବ)

ଠେକୁଆ – ଉପାୟ ମିଳିଗଲା...... ମିଳିଗଲା ।

(ଠେକୁଆ ସିଂହ ପାଖକୁ ଧୀରେ ଧୀରେ ଯାଉଥିବ ।)

ସିଂହ – ଆରେ ଦୁଷ୍ଟ, ଭୋକରେ ମୋର ପେଟ ଜଳିଲାଣି । ତୁ' ଏତେ ଡେରିରେ ଆସୁଛୁ ? ତୁ' ତ ଯେତେ ଛୋଟ ହୋଇଛୁ ତୋତେ ଖାଇଲେ, ମୋର ପେଟ ପୂରିବ ନାହିଁ ।

ଠେକୁଆ – କ୍ଷମା କରନ୍ତୁ ମହାରାଜ । ମୋର ବନ୍ଧୁମାନେ ମୋତେ ଛୋଟିଆ ଭାବି ମୋ' ସହ ଆଉ ଚାରୋଟି ଠେକୁଆ ପଠେଇଥିଲେ । ଯେମିତି ଆପଣଙ୍କ ପେଟ ପୂରିବ ।

ସିଂହ – ଆଉ ସବୁ ଠେକୁଆ ଗଲେ କୁଆଡ଼େ ?



ଠେକୁଆ – ଆମେ ଚାରିଜଣ ଆପଣଙ୍କ ପାଖକୁ ଆସୁଥିବା ବେଳେ ଗୋଟିଏ ସିଂହ ଦେଖାହେଲା । ସେ ଆମକୁ ଗାଳି କଲା । ଆମେ ଆପଣଙ୍କ ପାଖକୁ ଆସୁଛୁ ବୋଲି କହିଲୁ । ସେ କହିଲା, "ସେ ହେଉଛି ବଣର ରାଜା" । ଏହା କହି ସେ ମୋର ଚାରିଜଣ ସାଙ୍ଗଙ୍କୁ ଖାଇଦେଲା । ମୁଁ ଲୁଚିଲୁଚି ଆସୁଆସୁ ବିଳମ୍ବ ହୋଇଗଲା ।

ସିଂହ – କେଉଁଠାରେ ଅଛି ସେ ନିର୍ବୋଧ ସିଂହ ? ତୁ' ମୋତେ ତାକୁ ଦେଖାଇପାରିବୁ ?

ଠେକୁଆ – ଆସନ୍ତୁ ମହାରାଜ .......... ।

## – ଶେଷ ଦୃଶ୍ୟ –

(ଠେକୁଆ ଓ ସିଂହ ଗୋଟିଏ କୂଅ ପାଖରେ ପହଁଚିବାର ଦୃଶ୍ୟ)

ଠେକୁଆ – ମହାରାଜ ! ଏହି କୂଅ ଭିତରେ ସେହି ଦୁଷ୍ଟ ସିଂହ ଲୁଚି ରହିଛି ।

(ସିଂହ କୂଅ ଭିତରକୁ ଅନାଇ ପାଣିରେ ନିଜ ପ୍ରତିବିମ୍ବ ଦେଖି ଗର୍ଜନ କରି ଉଠିଲା)

ସିଂହ – ଆରେ ଦୁଷ୍ଟ ! ତୁ' ପଦାକୁ ଆସେ, ତୋ'ର ମୋର ଲଢ଼େଇ ହେବ । ଯିଏ ଜିତିବ ସେ ରାଜା ହେବ ।

(ସିଂହ ଯାହା କହିଲା ତାହାର ପ୍ରତିଧ୍ୱନି ଶୁଭିଲା)

ଠେକୁଆ – ଦେଖିଲେ ମହାରାଜ ! ସେ ଆପଣଙ୍କୁ କେମିତି ଦୁଷ୍ଟ କହି ଖାଇବା ପାଇଁ କହୁଛି ।

(ଏହାର ରହସ୍ୟ ସିଂହଟି ବୁଝିପାରିଲା ନାହିଁ । ଆକ୍ରମଣ କରିବା ପାଇଁ ରାଗ ତମତମ ହୋଇ କୂଅ ଭିତରକୁ ଡେଇଁ ପଡ଼ିଲା ।)

ଠେକୁଆ – ଓହୋଃ ! ଏବେ ଠାରୁ ମୋ ବନ୍ଧୁମାନେ ଆରାମରେ ଜଙ୍ଗଲରେ ବୁଲି ପାରିବେ ।





## ଆସ କଥାବାର୍ତ୍ତା ହେବା

୧. ତୁମକୁ ଭୋକ ଲାଗିଲେ ତୁମେ କ'ଣ କର ?

୨. ତୁମ ସାଙ୍ଗମାନଙ୍କୁ ତୁମେ କିପରି ସାହାଯ୍ୟ କର ?

୩. ଏକାଙ୍କିକାର ନାମ 'ବୁଦ୍ଧିର ଖେଳ' କାହିଁକି ରଖାଯାଇଛି ?

୪. ତୁମେ ଏହି ଏକାଙ୍କିକାର ଅନ୍ୟ ଏକ ନାମ ଦିଅ ।

୫. ତୁମେ ବିପଦରେ ପଡ଼ିବା ସମୟରେ, ତୁମ ସାଙ୍ଗଠାରୁ କି ପ୍ରକାର ସାହାଯ୍ୟ ଆଶା କରିବ କୁହ ।



## ଚିନ୍ତା କର ଓ ଲେଖ

୧. ଜଙ୍ଗଲରେ ପଶୁମାନେ କାହିଁକି ଭୟରେ ଦୌଡୁଥିଲେ ?

ଉତ୍ତର.................................................................................................

୨. ହରିଣଟି ସିଂହକୁ କ'ଣ କହିଲା ?

ଉତ୍ତର.................................................................................................

୩. ଦଳପତି ହାତୀ କି ଯୋଜନା କଲେ ପଶୁମାନଙ୍କୁ ବଞ୍ଚାଇବା ପାଇଁ ?

ଉତ୍ତର.................................................................................................

୪. ଠେକୁଆ ନିଜର ବନ୍ଧୁମାନଙ୍କୁ ବଞ୍ଚାଇବା ପାଇଁ କେଉଁ ଉପାୟ ଚିନ୍ତା କଲା ?

ଉତ୍ତର.................................................................................................

୫. ଶେଷରେ ସିଂହର ପରିଣତି କ'ଣ ହେଲା ?

ଉତ୍ତର.................................................................................................

୩. **ଏହି କଥା କିଏ କାହାକୁ କହିଛି ଲେଖ ।**

(କ) "ମୁଁ କ'ଣ ଖାଇ ବଞ୍ଚିବି" ? .......................................................................

(ଖ) "ମହାରାଜ ଆପଣ ହେଉଛନ୍ତି ଏ ବଣର ରାଜା" ।..........................................................

(ଗ) "ହଁ । ଆପଣଙ୍କୁ ଆଉ ପରିଶ୍ରମ କରିବାକୁ ପଡ଼ିବ ନାହିଁ" ।..................................................



(ଘ) "ଉପାୟ ମିଳିଗଲା" । ...........................................................................

DRAFT

ସାରଣୀରେ ଥିବା ଅକ୍ଷରକୁ ଯୋଡ଼ି ଜଙ୍ଗଲରେ ରହୁଥିବା ପଶୁପକ୍ଷୀମାନଙ୍କର ନାମରେ ଗୋଲ ବୁଲାଅ ଓ ଲେଖ ।

| | | | | | |
|---|---|---|---|---|---|
| ବା | ହା | ତୀ | ସ | ମ୍ବ | ର |
| ଘ | ଘୋ | ଗ | ୟ | ଲ | ଜ |
| ଭା | ଡ଼ା | ମ | ୟୂ | ର | ଙ୍ଗ |
| ଲୁ | ହ | ରି | ଣ | ଶୁ | ଲ |
| ଠେ | କୁ | ଆ | ବ | ଆ | ପା |
| କା | ଉ | ପା | ରା | ଣି | ତୀ |

୨. ପଶୁ ବା ପକ୍ଷୀଙ୍କ ନାମ ସହ ସେମାନଙ୍କ ବାସସ୍ଥାନକୁ ଗାର ଟାଣି ଯୋଡ଼ ।

| | |
|---|---|
| ବାଘ | ବସା |
| ହରିଣ | ଗୁମ୍ଫା |
| ଭାଲୁ | ବଣ |
| ଠେକୁଆ | ବୁଦା |
| ଚଢ଼େଇ | ଗାତ |

୩. ନିମ୍ନୋକ୍ତ ଶବ୍ଦକୁ ନେଇ ବାକ୍ୟ ଗଠନ କର –

ନିଷ୍ଠୁର – ..................................................................................

ଦୌଡ଼ି ଦୌଡ଼ି – ..................................................................................

ନିଷ୍ପତ୍ତି – ..................................................................................

ମେଣ୍ଟାଇବା – ..................................................................................

ପରିଶ୍ରମ – ..................................................................................

ପ୍ରତିବିମ୍ବ – ..................................................................................

ବନ୍ଧୁ – ..................................................................................

ନିର୍ବୋଧ – ..................................................................................

୪. ଗୋଟିଏ ଝିଅ (ଏକବଚନ) ଅନେକ ଝିଅ (ବହୁବଚନ)

| ଗୋଟିଏ ଝିଅ (ଏକବଚନ) | ଅନେକ ଝିଅ (ବହୁବଚନ) |
|---|---|
| ଝିଅ | ଝିଅମାନେ |

ସେହିପରି ତଳେ ଥିବା ଶବ୍ଦଗୁଡ଼ିକର ବହୁବଚନ ରୂପ ଲେଖ ।

| | |
|---|---|
| ମାଛ | ________ |
| ଚୂଡ଼ି | ________ |
| ଗାଈ | ________ |
| ଘୋଡ଼ା | ________ |
| ବାଘ | ________ |
| ଛେଳି | ________ |



DRAFT


## ଚିନ୍ତା କରି ଲେଖ

୫. କେତେକ ପ୍ରାଣୀ ସ୍ଥଳରେ ରୁହନ୍ତି ତାଙ୍କୁ 'ସ୍ଥଳଚର' କୁହାଯାଏ । ଜଳରେ ରହୁଥିବା ପ୍ରାଣୀମାନଙ୍କୁ 'ଜଳଚର' ପ୍ରାଣୀ କୁହାଯାଏ । ଆଉ କେତେକ ପ୍ରାଣୀ ଜଳ ଓ ସ୍ଥଳ ଉଭୟରେ ରୁହନ୍ତି ଯାହାଙ୍କୁ ଉଭୟଚର କୁହାଯାଏ । ନିମ୍ନରେ କେତେକ ପ୍ରାଣୀମାନଙ୍କର ନାମ କୋଠରିରେ ଦିଆଯାଇଛି । ସେମାନଙ୍କର ନାମକୁ ଉପଯୁକ୍ତ ସାରଣୀରେ ଲେଖ

| | | |
|---|---|---|
| ........................................ | ........................................ | ........................................ |
| ........................................ | ........................................ | ........................................ |
| ........................................ | ........................................ | ........................................ |
| ........................................ | ........................................ | ........................................ |
| ସ୍ଥଳଚର | ଜଳଚର | ଉଭୟଚର |

ବାଘ, ଭାଲୁ, ସିଂହ, କଇଁଛ, ମାଛ, ଗେଣ୍ଡା, ହାତୀ, କୁମ୍ଭୀର, କଙ୍କଡ଼ା, ସାପ, ବେଙ୍ଗ, ଚିଙ୍ଗୁଡ଼ି, ଗୋଧି, ଏଣ୍ଡୁଅ, ମାଙ୍କଡ଼

## ମୋର ଭାବନା



୧. ଯଦି ତୁମେ ଠେକୁଆ ଜାଗାରେ ଥାଆନ୍ତ, ତେବେ କ'ଣ କରିଥାଆନ୍ତ ?

______________________________

______________________________


______________________________

୨. ଯଦି ଠେକୁଆ ଉପାୟ ବାହାର କରି ସିଂହକୁ ମାରି ନଥା'ନ୍ତା, ତେବେ କ'ଣ ହୋଇଥାଆନ୍ତା ?


______________________________


______________________________


______________________________



୩. ଠେକୁଆ, ସିଂହ, ଘୋଡ଼ା, ହାତୀ ଭାଲୁର ଚିତ୍ରରେ ରଙ୍ଗ ଦିଅ ।









ପଠନ ନିମନ୍ତେ

# କିଛି ମଜା କଥା



ହାତୀ : ପୃଥିବୀରେ ମୋ ଠାରୁ ବଳୁଆ କେହି ନାହାନ୍ତି ।

ପିମ୍ପୁଡ଼ି : ଆଚ୍ଛା ! ତୁମେ ଯଦି ଏତେ ବଳୁଆ - ମୋ ଗାତ ଭିତରେ ପଶିକି ଦେଖାଅ ।

❑❖❑

ମାଆ : ପୁତୁଲ୍ ! ଆର ଘରୁ ଗରମ ମସଲା ଆଣିଲୁ ।

ପୁତୁଲ୍ ଚାରିଆଡ଼େ ଖୋଜି ଖୋଜି ଆସି କହିଲା - "ମା" କେଉଁଟା ବି ଗରମ ଲାଗୁନି ।"

❑❖❑

(ମିଠୁ ହାତରେ ଖୁଦପକାଇବାର ଅଭିନୟ କରୁଥିଲା)

ବବ୍‌ଲୁ : କ'ଣ କରୁଛୁ ?

ମିଠୁ : ଚଢ଼େଇକୁ ଖୁଦଦେଉଛି ।

ବବ୍‌ଲୁ : ତୋ' ହାତରେ ଖୁଦକାହିଁ ?

ମିଠୁ : ଏଠି ଚଢ଼େଇ କାହିଁ ?



❑❖❑

ଶିକ୍ଷକ : ବୁନି ପନ୍ଦରଟି ଫଳର ନାମ କୁହ ।

ବୁନି : ଆମ୍ବ, ପିଜୁଳି, ସପୁରୀ ଆଉ ଡଜନେ କଦଳୀ ।



❑❖❑

(ପୁନମ୍ ଓ ଶୁଭମ୍‌ର କଥୋପକଥନ)

ପୁନମ୍ : ମୁଁ ଏମିତି ଗୋଟିଏ କାମ କରିଛି ଯେ ତୁ' କାନ୍ଥର ଆରପାଖେ ରହିଲେ ବି, ମୁଁ ତତେ ଦେଖିପାରିବି ।

ଶୁଭମ୍ : ଆରେ ବାଃ ବଢ଼ିଆ ତ ! କ'ଣ କିରେ ସେଇଟା ?

ପୁନମ୍ : କଣା ।

❑❖❑



DRAFT

# ଓଡ଼ିଆ ନୂଆବର୍ଷ



ବର୍ଷକ ଛଅ ଋତୁ ଓ ବାରମାସ । ଆମ ଓଡ଼ିଶାର ନୂଆ ବର୍ଷ, ବୈଶାଖ ମାସ ପଣା ସଂକ୍ରାନ୍ତି ଦିନଠାରୁ ଆରମ୍ଭ ହୁଏ । ଏହି ଦିନକୁ ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ବୋଲି କୁହାଯାଏ । ଏହିଦିନ ଓଡ଼ିଆ ଲୋକମାନେ ତୁଳସୀ ଚଉରା ଉପରେ ଜାମୁ ଡାଳ ଦେଇ ମାଟିର ଠେକି ବାନ୍ଧନ୍ତି । ସେହି ଠେକିରେ ଗୋଟିଏ ମାସଯାଏ ପାଣି ଦିଅନ୍ତି । ଘରେଘରେ ଲୋକମାନେ ଚାଉଳ, ଗହମ, ବାଦାମ, ବୁଟ ଓ ଯଅରେ ତିଆରି ଛତୁଆ କରନ୍ତି । ପ୍ରସ୍ତୁତ ଛତୁଆରେ ଗୁଡ଼, ନଡ଼ିଆ ଓ କଦଳୀ ମିଶାଇ ଠାକୁରଙ୍କ ପାଖରେ ଭୋଗ ଲଗାଇଥାନ୍ତି । ଘରେ ଓ ମନ୍ଦିରଗୁଡ଼ିକରେ ସେଦିନ ବେଲପଣା ହୁଏ । ବେଲପଣା ପିଇବାକୁ ସମସ୍ତେ ଭଲ ପାଆନ୍ତି ।



ବୈଶାଖ ମାସରେ ଓଡ଼ିଶାରେ ଦଣ୍ଡପୂଜା କରାଯାଏ । ଶିବ ଓ ପାର୍ବତୀଙ୍କର ପ୍ରତୀକ ହେଉଛି ଏହି ଦଣ୍ଡ । ପଣାସଂକ୍ରାନ୍ତି ଠାରୁ ଦଣ୍ଡନାଚ ଆରମ୍ଭ ହୁଏ । ଆମ ରାଜ୍ୟର ନୟାଗଡ଼, ଗଞ୍ଜାମ, ଢେଙ୍କାନାଳ, ଅନୁଗୁଳ, ବୌଦ ଓ ବଲାଙ୍ଗୀର ଆଦି ଜିଲ୍ଲାରେ ଦଣ୍ଡନାଚ ଦଳମାନେ ଅଭିନୟ ଦେଖାଇଥାନ୍ତି । ଶିବ ଓ ପାର୍ବତୀଙ୍କ ପାଇଁ ବ୍ରତ ମନାସିଥିବା ଭକ୍ତମାନଙ୍କୁ ପାଟୁଆ କୁହାଯାଏ । ପାଟୁଆମାନେ ଖାଲିପାଦରେ ଖରାରେ ଚାଲନ୍ତି । ସେମାନେ ବିଭିନ୍ନ ରଙ୍ଗର କୁଞ୍ଚ ହୋଇଥିବା ଶାଢ଼ୀ ପିନ୍ଧି ଥାଆନ୍ତି । ମୁଣ୍ଡ ଉପରେ ଠାକୁରାଣୀ ଘଟ ମୁଣ୍ଡେଇଥା'ନ୍ତି ଓ ହାତ ଛାଡ଼ି ନାଚ କରନ୍ତି । ତଳେ ଗଡ଼ିଲେ ମଧ୍ୟ ସେମାନଙ୍କ ମୁଣ୍ଡରେ ଥିବା ଘଟଟି ମୋଟେ ପଡ଼େ ନାହିଁ । ଯେଉଁ ପାଟୁଆମାନେ କଣ୍ଟା ଉପରେ ଗଡ଼ନ୍ତି ଓ ନାଚନ୍ତି ସେମାନଙ୍କୁ ଘଣ୍ଟପାଟୁଆ କୁହାଯାଏ ।



ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ଉଡ଼ା ପାଟୁଆ ଦେଖାଯାଆନ୍ତି । ଗୋଟିଏ ଖମ୍ବ ପୋତାଯାଇଥାଏ ଓ ତା' ଅଗରେ ଗୋଟିଏ ଦଣ୍ଡ ରହିଥାଏ । ସେହି ଦଣ୍ଡଠାରୁ ତଳକୁ ଝୁଲି ଗୋଲାକାରରେ ଖମ୍ବ ଚାରିପାଖରୁ ଉଡ଼ିବାପରି ଗତି କରନ୍ତି 'ଉଡ଼ାପାଟୁଆ' । ଏହିପରି ବିଭିନ୍ନପ୍ରକାର ପାଟୁଆମାନଙ୍କ ଯାତ୍ରା ହେଉଥିବାରୁ ଏହାକୁ ପାଟୁଆ ଯାତ୍ରା କୁହାଯାଏ । ବାରିପଦାର ଛଉନୃତ୍ୟ ପୃଥିବୀ ପ୍ରସିଦ୍ଧ । ଏହି ନୃତ୍ୟ ଦେଖିବା ପାଇଁ ଦେଶ ବିଦେଶରୁ ଅନେକ ଲୋକ ଆସିଥାନ୍ତି ।

ପଣା ସଂକ୍ରାନ୍ତି ଦିନ ଓଡ଼ିଶାର ଅନେକ ଦେବୀପୀଠରେ ଝାମୁଯାତ୍ରା ହୁଏ । ବଡ଼ମ୍ବାର ଭଟ୍ଟାରିକା, ବାଙ୍କିର ଚର୍ଚ୍ଚିକା, ଆଠଗଡ଼ର ମାଳବିହାରପୁର, ଜଗତସିଂହପୁରର ଶାରଳା ଓ କାକଟପୁରର ମଙ୍ଗଳା ମନ୍ଦିର ଆଦି ବହୁ ସ୍ଥାନରେ ଝାମୁଯାତ୍ରା ହୋଇଥାଏ । ଏହି ଯାତ୍ରାରେ ଭକ୍ତମାନେ ରଡ଼ ନିଆଁ ଉପରେ ଚାଲିଥାଆନ୍ତି ।



ପଣା ସଂକ୍ରାନ୍ତିକୁ ଓଡ଼ିଆଲୋକମାନେ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । ସମସ୍ତେ ନିଜ ବନ୍ଧୁ ଓ ପରିଚିତ ଲୋକଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଥାନ୍ତି । ସେହିଦିନ ଠାରୁ ପୁରୀ ଜଗନ୍ନାଥ ମନ୍ଦିରରେ ନୂଆ ପାଞ୍ଜି ପ୍ରଚଳନ କରାଯାଏ । ଏହି ପାଞ୍ଜି ଅନୁସାରେ ବଡ଼ଠାକୁରଙ୍କ ନୀତିକାନ୍ତି କରାଯାଏ । ଓଡ଼ିଆ ଲୋକମାନେ ଏହି ପାଞ୍ଜିକୁ ଦେଖି ଗୃହ ପ୍ରତିଷ୍ଠା, ପୂଜାପର୍ବ, ବିବାହ ଓ ବ୍ରତ ପରି ଶୁଭକାର୍ଯ୍ୟ କରିଥାଆନ୍ତି ।



**ମନେରଖ :**

ଏ ମନ ଖୋଜୁଥାଏ ଯାହା । କାଳେ ପ୍ରାପତ ହୁଏ ତାହା ॥

ଓଡ଼ିଆ ଭାଗବତବାଣୀ

## ଆସ କଥାବାର୍ତ୍ତା ହେବା

୧. ତୁମ ଘରେ କେଉଁ ପର୍ବପର୍ବାଣି ପାଳନ କରାଯାଏ ?

୨. ତୁମର ପ୍ରିୟ ପର୍ବଗୁଡ଼ିକୁ କିପରି ପାଳନ କର ?

୩. ଗ୍ରୀଷ୍ମ ଋତୁ ଆଗମନରେ କେଉଁ ସବୁ ପର୍ବ ପାଳନ କରାଯାଏ ?

## ଆଲୋଚନା କର ଓ ଲେଖ

୧. ପଣା ସଂକ୍ରାନ୍ତି ଦିନ କ'ଣ ସବୁ କରାଯାଏ ?

ଉତ୍ତର.............................................................................................................

୨. ପଣା ସଂକ୍ରାନ୍ତି ଯେପରି ଓଡ଼ିଆମାନଙ୍କର ନୂଆବର୍ଷ ସେହିପରି ଅହମୀୟାମାନଙ୍କର ନୂଆବର୍ଷ କେବେ ପାଳନ କରାଯାଏ ?

ଉତ୍ତର.............................................................................................................

୩. ଓଡ଼ିଆମାନେ ପାଞ୍ଜି ଅନୁସାରେ କ'ଣ ସବୁ କରିଥାଆନ୍ତି ?

ଉତ୍ତର.............................................................................................................

୪. ବୈଶାଖ ମାସରେ ଆଉ କେଉଁସବୁ ପର୍ବ ପାଳନ କରାଯାଏ ?

ଉତ୍ତର.............................................................................................................

୫. ଗ୍ରୀଷ୍ମଋତୁରେ ତୁମେ କେଉଁ ଫଳସବୁ ଖାଇବାକୁ ଭଲପାଅ ?

ଉତ୍ତର.............................................................................................................

## ଭାଷାର କଥା




DRAFT



## ଭାଷାର କଥା

ଭାଷାର କଥା ଚିତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀ ମାନୁକୁ ପ୍ରଶ୍ନ ପଚାରୁଛନ୍ତି । ମାନୁ ଉତ୍ତରରେ ନିଜ ନାମ ସହ ନିଜ ସାଙ୍ଗମାନଙ୍କ ନାମ କହୁଛି । ଏହି କଥୋପକଥନରେ ବାକ୍ୟ ଶେଷରେ ପୂର୍ଣ୍ଣଚ୍ଛେଦ, ବିରାମ ନେବା ସମୟରେ କମା ଓ ପ୍ରଶ୍ନ ପଚାରିବା ସମୟରେ ପ୍ରଶ୍ନବାଚକ ଚିହ୍ନ ଦିଆଯାଇଛି ।

**୧. ଏବେ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ବିରାମ ଚିହ୍ନ ଦେଇ ଆଉ ଥରେ ଲେଖ ।**

ଦିଲୁ ଓ ମୀନା ହାଟରୁ ସେଓ ଅଙ୍ଗୁର ନାସ୍‌ପାତି ଓ ଡାଳିମ୍ବ କିଣିଲେ ମୀନା ଦିଲୁକୁ ପଚାରିଲା ଆଉ କ'ଣ କିଣିବା ଦିଲୁ ମନାକଲା ଦୁହେଁ ଘରକୁ ଫେରିଲେ

**୨. ତୁମ ଅଞ୍ଚଳରେ କେଉଁସବୁ ପର୍ବପର୍ବାଣି ପାଳିତ ହୁଏ ଲେଖ ।**

କାଳୀପୂଜା

**୩. ପର୍ବପର୍ବାଣି ଦିନ ତୁମ ଘରେ କ'ଣ ସବୁ ହୁଏ ଲେଖ ।**

ଘରଦ୍ୱାର ସଫା ହୁଏ ।



DRAFT

# ଆମର ଛୁଟିଦିନ

୪. ତୁମ ବିଦ୍ୟାଳୟରେ ଦିଆଯାଉଥିବା ଛୁଟିଦିନଗୁଡ଼ିକୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଠାରୁ ବୁଝ । କେଉଁ ଛୁଟି କେତେଦିନ ମିଳୁଛି, ସେହି ସମ୍ପର୍କିତ ତଥ୍ୟକୁ ତଳ ତାଲିକାରେ ଲେଖ ।

| ଛୁଟିଦିନ | କେବେଠାରୁ କେବେ ପର୍ଯ୍ୟନ୍ତ | ଦିନ ସଂଖ୍ୟା |
|---|---|---|
| ଗ୍ରୀଷ୍ମ ଋତୁ ଛୁଟି | | |
| ଶରତ ଋତୁ ଛୁଟି | | |
| ଶୀତ ଋତୁ ଛୁଟି | | |

୫. ଅକ୍ଷୟ ତୃତୀୟା ପର୍ବରେ କୃଷକ ମା' ଲକ୍ଷ୍ମୀଙ୍କୁ ପୂଜା କରି ଚାଷ କାର୍ଯ୍ୟ ଆରମ୍ଭ କରିଥାଏ । ତୁମେ ତୁମ ଘରେ ଯେଉଁ ପର୍ବ ପାଳନ କର, ସେହି ପର୍ବରେ କେଉଁ ଠାକୁର ଠାକୁରାଣୀଙ୍କୁ ପୂଜା କର ଲେଖ ।

..........................................................................................................

..........................................................................................................

..........................................................................................................

..........................................................................................................

## ମୋର କଳାକୃତି

୧. ଫୁଲ, ଆମ୍ବ ଏବଂ ଅଶୋକପତ୍ର ସହିତ ଅନ୍ୟ ବସ୍ତୁର ଉପଯୋଗରେ ସୁନ୍ଦର ତୋରଣ ତିଆରି କର ।



## କଳ୍ପନା କର

ଦିନେ ମହୁମାଛି ବଗିଚାକୁ ଗଲା । ସେଦିନ ସେ ବହୁତ ଖୁସି ଥିଲା । ସେ ସେଠାରେ ଭଉଣୀ ସୂର୍ଯ୍ୟମୁଖୀ ଓ ସୂର୍ଯ୍ୟ ମାମୁଙ୍କ ସହ ଦେଖା ହେଲା । ତୁମେ ଭାବି କରି କୁହ, ସେମାନେ ସେମାନଙ୍କ ମଧ୍ୟରେ କ'ଣ କଥାବାର୍ତ୍ତା ହୋଇଥିବେ ।



## ଆସ ଜାଣିବା

ବୈଶାଖ ମାସରେ କେଉଁ କେଉଁ ଫୁଲ ଫୁଟେ ଲେଖ–



Draft

# ନଟର ଭାବନା



ନଟର ପ୍ରିୟ    ନଟୁ ଖେଳଟି
ଖେଳେ ସେ ନିତିନିତି
ସାଙ୍ଗ ସାଥୀରେ    ମନ ମଉଜେ
ଦିନ ତା’ ଯାଏ ବିତି ।।

ନଟୁ ସହିତ    କବାଡ଼ି ଖେଳ
ଖେଳଇ ମନ ଦେଇ
କଉଶଳରେ    ଖେଳେ ସେ ଖେଳ
ସଭିଙ୍କ ମନ ନେଇ ।।



କାଗଜ ଭାଙ୍ଗି    ରକେଟ କରେ
ଆକାଶେ ଦିଏ ଛାଡ଼ି
କହେ ଖୁସିରେ    ମୋ’ ବୁଦ୍ଧି ବଳେ
ଜହ୍ନକୁ ଯିବି ଉଡ଼ି ।।

ଜହ୍ନ ରାଇଜେ    ତୋଳିବି ଘର
ଚଢ଼ିକି ଯିବି ଯାନ
ଚକିତ ହେବ    ସାରା ଜଗତ
ବଢ଼ିବ ଦେଶ ମାନ ।।

# ହକି ଖେଳ ଆମ ଭାରି ବଢ଼ିଆ



ଓଡ଼ିଶା ରାଇଜେ ଆମେ ଓଡ଼ିଆ
ରାଇଜ ଆମର ଭାରି ବଢ଼ିଆ
ମିଳିମିଶି ଆମେ ସଭିଏଁ ରହୁରେ
ବିପଦେ ଆପଦେ ଯୋଡ଼ି ଯୋଡ଼ିଆ ।।

ହକି ଅଟେ ଆମ ଜାତୀୟ ଖେଳ
ଖେଳୁ ଖେଳୁ ଜଣା ପଡ଼େନା ବେଳ
ଓଡ଼ିଶା ଆମର ଏଇ ଖେଳ ପାଇଁ
ସାରା ଜଗତକୁ କରଇ ମେଳ ।।

ଭୁବନେଶ୍ୱରକୁ ରାଉରକେଲା
ବିଶ୍ୱକପ୍ ହକି ଖେଳ ତ ହେଲା
ଏଇ ସଫଳତା ପାଇଁକି ଓଡ଼ିଶା
ସାରା ଦୁନିଆରେ ପ୍ରଶଂସା ନେଲା ।।





ହକିରେ ଆଗୁଆ ସୁନ୍ଦରଗଡ଼
ଏ ଜିଲ୍ଲା ଦେଇଛି ଖେଳାଳି ବଡ଼
ସେମାନଙ୍କୁ ନେଇ ଓଡ଼ିଶା ଦଳ
ଦେଶବିଦେଶରେ ଜିତନ୍ତି ଗଡ଼ ।।

ଆମ ଓଡ଼ିଶାକୁ କିଏ ନ ଜାଣେ
ହକିପ୍ରେମୀଙ୍କର ମନକୁ ଟାଣେ
ଖୋଜି ଖୋଜି ନୂଆ ଖେଳାଳିମାନଙ୍କୁ
ରାଇଜ ଆମର ଆଗକୁ ଆଣେ ।।

ପିଲା ଆମେ ପାଠ ପଢୁଛୁ ଏବେ
ସ୍କୁଲ୍ ଛୁଟି ଆମ ହୁଅଇ ଯେବେ
ବଙ୍କୁଲିବାଡ଼ିରେ ବଲ୍‌କୁ ମାରି
କରୁ ପଡ଼ିଆରେ ଅଭ୍ୟାସ ସେବେ ।।

ଆମ ଦଳ ଖେଳେ ଜିତୁ ବା ହାରୁ
ହାରିଗଲେ କେବେ ଦୁଃଖ ନ କରୁ
ହାରିବା ଶିଖାଏ ଜିତିବା କଳା
ଏଇ କଥା ଆମେ ମନରେ ଭରୁ ।।



DRAFT

## ଆସ କଥାବାର୍ତ୍ତା ହେବା

୧. ତୁମେ କେଉଁ ସବୁ ଖେଳ ଖେଳିଥାଅ ?

୨. କେତେ ଜଣ ହକି ଖେଳାଳିଙ୍କ ନାମ କୁହ ।

୩. ହକି ଖେଳରେ ଯେପରି ବଲ୍ ବ୍ୟବହାର କରାଯାଏ, ସେହିପରି ଆଉ କେଉଁ ଖେଳରେ 'ବଲ୍' ବ୍ୟବହାର କରାଯାଏ ?

୪. କେଉଁ ଖେଳ ପାଇଁ ଅଧିକ ସଂଖ୍ୟକ ଖେଳାଳି ଦରକାର ହୁଅନ୍ତି ?

## ଚିନ୍ତା କର ଓ ଲେଖ

୧. ଖେଳରେ ଏକତା ହିଁ ବଳ କୁହାଯାଏ, କାହିଁକି ?

ଉତ୍ତର...........................................................................................................

୨. ହକି ଖେଳ ପାଇଁ ସୁନ୍ଦରଗଡ଼ର ସୁନାମ କାହିଁକି ରହିଛି ?

ଉତ୍ତର...........................................................................................................

୩. ତୁମେ ଖେଳରେ ହାରିଗଲେ କ'ଣ କରିବ ?


ଉତ୍ତର...........................................................................................................

୪. ତୁମ ବିଦ୍ୟାଳୟରେ ତୁମେ ସାଙ୍ଗମାନଙ୍କ ସହ ମିଶି ଦଳଗତ ଭାବେ କେଉଁ ସବୁ ଖେଳ ଖେଳିଥାଅ ?

ଉତ୍ତର...........................................................................................................

## ଚିତ୍ରକୁ ଦେଖି ଖେଳର ନାମ ଲେଖ












## ଭାଷାର କଥା

୧. ତଳେ ଦିଆଯାଇଥିବା ଶବ୍ଦପରି ସମତାନ ଶବ୍ଦ ଲେଖି ଶୂନ୍ୟସ୍ଥାନ ପୂରଣ କର ।

ଯେପରି- ରୀତି–ନୀତି  ବାଡ଼ି– ____  ପଟ– ____

ପଡ଼ି– ____  ପାହାରେ– ____

୨. ଶବ୍ଦରୁ ମାତ୍ରାକୁ କାଟି ନୂଆ ଶବ୍ଦ ଗଢ଼ ।

ଯେପରି- ଖିଲ - ଖଲ  ମାନ - ____

ବେଗ - ____  ବେଳ - ____



## ଅତିରିକ୍ତ କାମ

୧. ତଳେ ଦିଆଯାଇଥିବା ଖେଳ ମଧ୍ୟରୁ ଘରେ ଓ ବାହାରେ ଖେଳାଯାଉଥିବା ଖେଳକୁ ତଳ ସାରଣୀ ଅନୁଯାୟୀ ଲେଖ ।

(ଫୁଟ୍‌ବଲ୍, ଟେବୁଲ୍ ଟେନିସ୍, କ୍ୟାରମ୍, ଲୁଡୁ, କ୍ରିକେଟ୍, ହକି, ଖୋ-ଖୋ)

| ଘର ଭିତରେ ଖେଳାଯାଉଥିବା ଖେଳ | ଘର ବାହାରେ ଖେଳାଯାଉଥିବା ଖେଳ |
|---|---|
| | |
| | |
| | |
| | |

୨. ତୁମର ପ୍ରିୟଖେଳ କ'ଣ ଲେଖ । ଏହି ଖେଳ ବିଷୟରେ ଚାରି ଧାଡ଼ି ଲେଖ ।

____

____


____


____



୨. ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ତୁମ ପସନ୍ଦ ଅନୁସାରେ ରଙ୍ଗ ଦିଅ ।







୩. ନିମ୍ନରେ କେତେକ ଖେଳାଳିମାନଙ୍କର ଫଟୋ ଚିତ୍ର ଦିଆଯାଇଛି । ଖେଳାଳିଙ୍କୁ ଦେଖି, ସେ ସଂପୃକ୍ତ ଥିବା ଖେଳର ନାମ ଲେଖ ।

ଦେବାଶିଷ ମହାନ୍ତି



କ୍ରିକେଟ

ପଦ୍ମିନୀ ରାଉତ



ଶ୍ରାବଣୀ ନନ୍ଦ



ପ୍ରମୋଦ ଭଗତ



ପାୟଲ ନାଗ



## ଆସ କହିବା

ମୋର ନାମ ମିତା
ତୁମର ନାମ କ'ଣ ?

ମୁଁ ପ୍ରତିଦିନ ସଞ୍ଜବେଳେ
ମୋ' ସାଙ୍ଗମାନଙ୍କ ସହ
ଖେଳିଥାଏ । ତୁମେ କେତେବେଳେ
ଓ କାହା ସହିତ ଖେଳ ?

ମୋତେ ଲୁଚାଲୁଚି ଖେଳ ଭାରି
ଭଲ ଲାଗେ । ତୁମକୁ କେଉଁ
ଖେଳ ଭଲ ଲାଗେ ?

ଖେଳିବା ଦ୍ୱାରା ମୋର ଶରୀର ଦୃଢ଼
ଓ ଫୁର୍ତ୍ତି ହେଉଥିବା– ମୁଁ
ଅନୁଭବ କରିଥାଏ ।
ତୁମକୁ କିପରି ଲାଗେ ?

## ଆସ ଲେଖିବା

ପ୍ରାଥମିକ ଚିକିତ୍ସା ବାକ୍ସରେ ଥିବା ଜିନିଷଗୁଡ଼ିକର ନାମ ତଳେ ଲେଖ ।

ତୁଳା ____ ________ ________

________ ________ ________



ପ୍ରାଥମିକ ଚିକିତ୍ସା ବାକ୍ସ

# ଟ୍ରାଫିକ୍ ଜାମ୍

ଯାତାୟାତ ଯଦି ଧାଡ଼ିରେ ନହୁଏ
ରାସ୍ତା ହୋଇଯାଏ ଭିଡ଼୍,
ଗାଡ଼ି ମଟର କି ପଥଚାରୀ ପାଇଁ
ନ ମିଳଇ ରାସ୍ତା କଡ଼୍ ।

ସହରୀ ରାସ୍ତାର ଛକମାନଙ୍କରେ
ଏପରି ଅବସ୍ଥା ହୁଏ,
ଯିଏ ଯାହା ବାଟେ ଗାଡ଼ି ନେଉଥାଏ
ନ ଅଟକେ କେହି ହାଏ !

ନିଜ ମୁତାବକ କଲେ ଗତାଗତ
ହୋଇଯାଏ ଭାରି ଭିଡ଼୍,
ଯାହାକୁ କୁହନ୍ତି ଟ୍ରାଫିକ୍ ଜାଆମ
ସେତ ଯାତାୟାତ ଭିଡ଼୍ ।

ରାସ୍ତାରେ ଯଦିବା ହୁଏ ଦୁର୍ଘଟଣା
ଶୀଘ୍ର ନ ହେଲେ ଉଦ୍ଧାର,
ରାସ୍ତା ଯାତାୟାତ ହୁଏ ଅଣାୟତ
ଅଟକେ ଗାଡ଼ି ମଟର ।

ସମସ୍ତେ ଜାଣିଲେ ସଭିଏଁ ମାନିଲେ
ସଡ଼କ ନିୟମ ମାନ,
ସୁରକ୍ଷିତ ହେବ ଆମ ଯାତାୟାତ
ହେବନି ଟ୍ରାଫିକ୍ ଜାମ୍ ।

DRAFT

# କୁହୁକ ପେଡ଼ି




ବହି ବସ୍ତାନିକୁ ବାନ୍ଧିଲେ ପିଲେ
ଯାଦୁ ଦେଖିବାକୁ ଏକାଠି ହେଲେ ।
ଘର ଭିତରଟା ଅନ୍ଧାର ହେଲା
ଯାଦୁକର ତା'ର ପେଡ଼ି ଖୋଲିଲା ॥

ଖୋଲିଲା ଯେବେ ସେ କୁହୁକ ପେଡ଼ି
ତହୁଁ ବାହାରିଲା ରଙ୍ଗୀନ ଗୁଡ଼ି ।
ଗୁଡ଼ି ଉଡ଼ିଗଲା ନୀଳ ଗଗନେ
ପିଲାଏ ନାଚିଲେ ଆନନ୍ଦ ମନେ ॥



ଯାଦୁକର ପୁଣି ପେଡ଼ି ଖୋଲିଲା
ବେଲୁନ୍ ଦଶଟି ବାହାର କଲା ।
ଉଡ଼ିଲା ବେଲୁନ୍ ଅନ୍ଧାର ଘରେ
ପିଲାଏ ନାଚିଲେ ଖୁସି ମନରେ ॥

କୁହୁକ ପେଡ଼ିକୁ ଛୁଇଁଲା ବାଡ଼ି
ବାହାରିଲା ପେଣ୍ଡୁ ଗଲାତ ଗଡ଼ି ।
ପେଣ୍ଡୁ ଗଡ଼ି ହେଲା ଫୁଲର କଳି
ଖୁସିରେ ପିଲାଏ ମାରିଲେ ତାଳି ॥



କୁହୁକର ପେଡ଼ି ପୁଣି ଖୋଲିଲା
କାଗଜର ଡଙ୍ଗା ବାହାରି ଥିଲା ।
ଗୋଟିଏ ଗୋଟିଏ ଡଙ୍ଗାକୁ ନେଇ
ଝରଣା କୂଳକୁ ଗଲେରେ ଧାଇଁ ॥

ଯୋଡ଼ି ଯୋଡ଼ି କରି ଡଙ୍ଗା ମିଶାଇ
ପାଣିର ସୁଅରେ ଦେଲେ ଭସାଇ ।
ଡଙ୍ଗା ଚାଲୁଥିଲା ହଲିହଲିକା
ପିଲା ହସୁଥିଲେ ଖିଲିଖିଲିକା ॥

## ଆସ କଥାବାର୍ତ୍ତା ହେବା

୧. ପିଲାମାନେ କାହିଁକି ଏକାଠି ହେଲେ ?

୨. ଶ୍ରେଣୀ କୋଠରିଟିକୁ କାହିଁକି ଅନ୍ଧାର କରାଗଲା ?

୩. ଯାଦୁକର ତା' ପେଡ଼ିରୁ କ'ଣ ସବୁ ବାହାର କଲା ?

୪. ଶେଷରେ ପିଲାମାନେ ପାଣିରେ କ'ଣ ଭସାଇଲେ ?

୫. ତୁମେ କାଗଜରେ କ'ଣ ସବୁ ତିଆରି କରିପାରିବ କୁହ ।

## ଚିନ୍ତା କର ଓ ଲେଖ

୧. ତୁମେ ଦେଖିଥିବା ଯାଦୁଖେଳରେ ଯାଦୁକର କ'ଣ କ'ଣ ବସ୍ତୁ ବାହାର କରିଥିଲା ?

ଉତ୍ତର ..........................................................................................................

୨. ବରଷା ହେଲେ ତୁମକୁ କ'ଣ କ'ଣ କରିବାକୁ ଭଲ ଲାଗେ ?

ଉତ୍ତର ..........................................................................................................

୩. ଯଦି ତୁମେ ଜଣେ ଯାଦୁକର ହୋଇଥା'ନ୍ତ ତେବେ କେଉଁ କେଉଁ ନୂଆ ଯାଦୁଖେଳ ଦେଖାଇଥାଆନ୍ତ ?

ଉତ୍ତର ..........................................................................................................

୪. ଆମେ କେଉଁ ପର୍ବରେ ଡଙ୍ଗା ଭସାଇଥାଉ ?

ଉତ୍ତର ..........................................................................................................

## ଖୋଜ ଓ ଲେଖ

୧. କବିତାରୁ ଏହିପରି ଶବ୍ଦ ଖୋଜି ଲେଖ ।

ଯେପରି    ଖେଳିଖେଳିକା ............................ ............................

............................ ............................ ............................

୨. ଯେପରି ଗୋଟିଏ ହେଲେ 'ବହି' ଅନେକ ହେଲେ 'ବହିଗୁଡ଼ିକ' ହୋଇଥାଏ ।

ସେହିପରି    ହାତୀ............................    ବେଲୁନ୍ ............................

ପିଲା ............................    ଥାଳି ............................

DRAFT

୩. ଚିତ୍ର ସହିତ ଖେଳର ନାମକୁ ଯୋଡ଼ ।



କୁହୁକ ପେଡ଼ି



ନଟୁ ଖେଳ



ଦଉଡ଼ି ଡିଆଁ



କଣ୍ଢେଇ ନାଚ

୪. କବିତାକୁ ପଢ଼ି 'କ' ସ୍ତମ୍ଭର ଧାଡ଼ିକୁ 'ଖ' ସ୍ତମ୍ଭର ଧାଡ଼ି ସହିତ ମିଳାଅ ଓ ପଢ଼ ।

| | 'କ' | 'ଖ' |
|---|---|---|
| ୧. | କୁହୁକ ବାଡ଼ିଟି ଛୁଇଁଲା ପେଡ଼ି | ଯାଦୁର ତା'ର ପେଡ଼ି ଖୋଲିଲା । |
| ୨. | ଘର ଭିତରଟା ଅନ୍ଧାର ହେଲା | ବେଲୁନ୍ ଦଶଟି ବାହାର କଲା । |
| ୩. | ଯୋଡ଼ି ଯୋଡ଼ି କରି ଡଙ୍ଗା ମିଶାଇ | ପାଣିର ସୁଅରେ ଦେଲେ ଭସାଇ । |
| ୪. | ଯାଦୁକର ପୁଣି ପେଡ଼ି ଖୋଲିଲା | ବାହାରିଲା ପେଣ୍ଟୁ ଗଲାତ ଗଡ଼ି । |
| | | ପିଲାଏ ଧାଇଁଲେ ବରଷା ଚାହିଁ । |



୪. ନିମ୍ନ ଅକ୍ଷରକୁ ସଜାଡ଼ି ଠିକ୍ ଶବ୍ଦଟି ଲେଖ ।

ଡ଼ିପେ ..........  ନ୍‌ବେଲୁ ..........


ଡ଼ିଗୁ ..........  ଙ୍ଗାଡ ..........


୫. ତଳ ଚିତ୍ରରେ ରଙ୍ଗ ଦିଅ । କୁହୁକ ପେଡ଼ିରୁ ଆଉ କ'ଣ ସବୁ ବାହାର କରିବାକୁ ଚାହୁଁଛ, ତା'ର ଚିତ୍ର କରି ରଙ୍ଗ ଦିଅ ।




## କଳା କୃତି

ମୁଖା ଚିତ୍ର – ଖାଲି ଘରେ ଆଉ ଅନ୍ୟ ପଶୁମାନଙ୍କ ମୁଖା ତିଆରି କରି ରଙ୍ଗ କର ।






# ମନ ବଦଳିଲା



ସେଦିନ ଥିଲା ରବିବାର । ଦିପୁନ୍ ବଗିଚାରେ ଖେଳୁଥିଲା । ଘର ଭିତରୁ ବାପାଙ୍କ ଡାକ ଶୁଭିଲା । ମନେ ମନେ ଭାବିଲା – "ଏବେ ବୋଧେ ପଢ଼ିବାକୁ ଡାକିଲେଣି" । ତା'ର ମନଦୁଃଖ ହେଲା । ଘର ଭିତରକୁ ଗଲେ ପଢ଼ିବାକୁ ପଡ଼ିବ । ଘରେ ପାଠ, ବିଦ୍ୟାଳୟରେ ପାଠ । ସେ ବ୍ୟସ୍ତ ହୋଇପଡ଼ି ଗଛ ତଳେ ବସିପଡ଼ିଲା ।

ଏତିକିବେଳେ ମହୁମାଛିଟିଏ ଗୁଣୁଗୁଣୁ ଗୀତ ଗାଇ ତା'ପାଖ ଦେଇ ଉଡ଼ିଗଲା ଓ ଫୁଲ ଉପରେ ବସିପଡ଼ିଲା । ଫୁଲଟି ପବନରେ ହଲିଗଲା । ଦିପୁନ୍‌କୁ ଲାଗିଲା ମହୁମାଛିଟି ଦୋଳି ଖେଳୁଛି । ସେ ମନେ ମନେ ଭାବିଲା "ମୁଁ ମହୁମାଛିଟିଏ ହୋଇଥାଆନ୍ତି କି ? ଭାରି ମଜା ହୋଇଥାଆନ୍ତା । ମୋତେ ପାଠ ପଢ଼ିବାକୁ ପଡ଼ି ନଥା'ନ୍ତା" । ମହୁମାଛି, ଦିପୁନ୍‌ର ମନ କଥା ବୁଝିପାରିଲା । ଦିପୁନ୍ ପାଖକୁ



ଉଡ଼ିଆସି କହିଲା– "ଦିପୁନ୍ ତୁମେ ଭାବୁଛ କି– ମୋତେ କାମ କରିବାକୁ ପଡୁନି । ନା, ନା, ସେ କଥା ନୁହେଁ । ମୁଁ ଫୁଲରୁ ଫୁଲକୁ ଉଡ଼ି, ମହୁ ସଂଗ୍ରହ କରି ସଞ୍ଚୟ କରେ । ସେହି ମହୁକୁ ଲୋକମାନେ ନେଇ କାମରେ ଲଗାନ୍ତି । ସେତେବେଳେ ମୁଁ ଭାରି ଖୁସି ହୁଏ ।"


ଦିପୁନ୍, ଗଛମୂଳେ ସେମିତି ବସିଥାଏ । ତାଙ୍କ କୁକୁରଟି ତା'ପାଖକୁ ଆସି ପାଖରେ ଶୋଇ ପଡ଼ିଲା । ଦିପୁନ୍ ତା' ଦେହକୁ ଟିକେ ଆଉଁଶି ଦେଲା । କୁକୁରଟି ଦିପୁନ୍ ପାଖକୁ ଆଉଜି ଆସିଲା । ଦିପୁନ୍ ଭାବିଲା କୁକୁର ଜୀବନଟା ଭଲ । କୁକୁର ବି



ଦିପୁନ୍ କଥା ବୁଝିପାରିଲା । କହିଲା – "ଦିପୁନ୍, ରାତିସାରା ମୁଁ ତୁମ ଘର ଜଗେ । ଅଜଣା ଲୋକଙ୍କୁ ଘରେ ପୂରାଇ ଦିଏ ନାହିଁ । ମୋ' ଯୋଗୁଁ ତୁମେମାନେ ରାତିରେ ଶାନ୍ତିରେ ଶୋଇପାର । ତା' ବଦଳରେ ତୁମେ ମତେ ଖାଇବାକୁ ଦିଅ ଓ ମୋର ଯତ୍ନ ନିଅ ।"

ଗାଈଟିଏ ତା' ପାଖ ଦେଇ ଚାଲିଗଲା । ଗାଈକୁ ଦେଖି ଦିପୁନ୍ ମନେ ମନେ ଭାବିଲା, ଗାଈଟି ବୋଧେ ଭାରି ଖୁସିରେ ଅଛି । ଦିପୁନ୍ କହିଲା – "ତମର କିଛି କାମ ନାହିଁ, ମତେ ତ ପାଠ ପଢ଼ିବାକୁ ପଡୁଛି ।" ଗାଈ କହିଲା – "ମୁଁ ଦିନସାରା ଘାସ ଚରେ, ଘରକୁ ଫେରିଲେ କ୍ଷୀର ଦୁହାଁ ହୁଏ । ସେଇ କ୍ଷୀରକୁ ନେଇ ମୋ' ମାଲିକର ପରିବାର ଚଳେ । ସେଥିପାଇଁ ମାଲିକ ମୋର ଯତ୍ନ ନିଏ । ତେଣୁ ମୁଁ ଜାଣିଛି, ନିଜ କାମ ଠିକ୍ ଭାବେ କଲେ- ଆମେ ଖୁସିରେ ରହିବା ।"

ଦିପୁନ୍‌ର ମନେ ପଡ଼ିଲା, ବାପା ଡାକୁଥିଲେ ବୋଲି । ସେ ଘରକୁ ଗଲା ଓ ଦେଖିଲା ବାପାମାଆ ରୋଷେଇ କରୁଛନ୍ତି । ଟିଙ୍କି ଦିଦି ହୁଇଲ୍ ଚେୟାର୍‌ରେ ମା'ଙ୍କ ପାଖରେ ବସି ରୋଷେଇ ଦେଖୁଥିଲା । ନିଜ ଚିତ୍ରକୁ ରଙ୍ଗ କରୁଥିଲା । ଦିପୁନ୍‌କୁ ଦେଖି, ବାପା ଗୋଟିଏ ପ୍ଲେଟ୍‌ରେ ଦହିବରା ବାଢ଼ି ତା' ଆଡ଼କୁ ବଢ଼ାଇଦେଲେ । ଦିପୁନ୍ ଭାବିଲା – "ଆରେ ମୋତେ ଖାଇବାକୁ ଡକା ହେଉଥିଲା, ମୁଁ ଭାବିଲି ପାଠ ପଢ଼ିବାକୁ ।" ସେମାନେ ମୋର ଖାଲି ପାଠ କଥା ନୁହେଁ, ସବୁ ଦିଗ ପ୍ରତି ଦୃଷ୍ଟି ଦେଉଛନ୍ତି । ତେଣୁ ମୁଁ ମୋର କାମ ଠିକ୍ ଭାବରେ କରିବି । ଦହିବରା ଖାଇ ଥାଳିଟିକୁ ଧୋଇଧାଇ ବାସନ ଜାଗାରେ ରଖିଦେଲା । ଏହା ଦେଖି ମାଆ କହିଲେ – "ଆରେ ! ଏ କ'ଣ ? ତୁ' କ'ଣ ବାସନ ଧୋଇଦେଲୁ ?" ଦିପୁନ୍ କହିଲା, "ମା', ତୁମେ ସମସ୍ତେ ନିଜ କାମ ନିଜେ କରୁଛ । ଆଜିଠାରୁ ମୁଁ ବି ମୋ କାମ କରିବି । ଯାଉଛି, ମୋ ଗୃହକାର୍ଯ୍ୟକୁ ଶେଷ କରିଦେବି । ଠିକ୍ ସମୟରେ ପାଠ ପଢ଼ିବି, ଆଉ ଠିକ୍ ସମୟରେ ଖେଳିବି ।" ବାପା ସବୁ ଶୁଣି ଦିପୁନ୍‌ର ପିଠି ଆପୁଡ଼େଇ ଦେଇ କହିଲେ – "ବାଃ ! ମୋ' ପୁଅ ଏବେ ସୁନାପିଲା ।"





## ଆସ କଥାବାର୍ତ୍ତା ହେବା

୧. ତୁମ ଘରେ ତୁମେ କ'ଣ ସବୁ କାମ କର ?

୨. ବିଦ୍ୟାଳୟରେ ତୁମେ କେଉଁ ସବୁ କାମ କର ?

୩. ଏ କାହାଣୀଟିରୁ ତୁମକୁ କାହାର କାମ ଭଲ ଲାଗିଲା ?



## ଚିନ୍ତା କରି ଲେଖ

୧. ଦିପୁନ୍ କାହିଁକି ବ୍ୟସ୍ତ ହୋଇପଡ଼ିଥିଲା ?

ଉତ୍ତର.......................................................................................................

୨. ଦିପୁନ୍ ମହୁମାଛି ହେବାକୁ କାହିଁକି ଚାହୁଁଥିଲା ?

ଉତ୍ତର.......................................................................................................

୩. ଗାଈ ଆମକୁ କିପରି ସାହାଯ୍ୟ କରେ ?

ଉତ୍ତର.......................................................................................................

୪. ଦିପୁନ୍‌କୁ କାହିଁକି କୁକୁରର କାମ ସହଜ ଲାଗୁଥିଲା ?

ଉତ୍ତର.......................................................................................................

୫. ଶେଷରେ ଦିପୁନ୍ କାହିଁକି ନିଜ କାମ କରିବାକୁ ଲାଗିଲା ?

ଉତ୍ତର.......................................................................................................

୬. ତୁମର ଗୋଟିଏ ଦିନର କାମ ଲେଖ ।



DRAFT

## ଭାଷାର କଥା

୧. କାହାଣୀରୁ କେତେକ ନାମକୁ ବୁଝାଉଥିବା ଶବ୍ଦ ଲେଖ ।

ଯେପରି ଦିପୁନ୍ ________ ________ ________

________ ________ ________ ________

________ ________ ________ ________

________ ________ ________ ________

## ଚିନ୍ତା କରି ଲେଖ

୧. ଗୋଟିଏ ଦିନରେ ତୁମ ଇଚ୍ଛାରେ ତୁମେ ଯାହା (ଯେପରି ଫୁଲ, କୁକୁର କିମ୍ବା ଅନ୍ୟକିଛି) ହେବାକୁ ଚାହୁଁଛ ଲେଖ ।

ମୁଁ ଆଜି .................................................. ହେବାକୁ ଚାହୁଁଛି । କାରଣ ମତେ .................

....................................................................................................


....................................................................................................

....................................................................................................

.................................................................................................... ।

## ଚିତ୍ର କର

ଗୋଟିଏ ବଗିଚାର ଚିତ୍ର ଅଙ୍କନ କର ।



DRAFT

୭. ତୁମ ଘରେ କିଏ କେଉଁ କାମ କରନ୍ତି ତାହାକୁ ସାରଣୀରେ ଲେଖ ।

| କ୍ରମାଙ୍କ | କାମର ନାମ | କିଏ କରନ୍ତି |
|---|---|---|
| ୧ | ଗଛରେ ପାଣି ଦେବା | |
| ୨ | | |
| ୩ | | |
| ୪ | | |
| ୫ | | |
| ୬ | | |

୮. ତଳ ଚିତ୍ରରେ ସେମାନେ କ'ଣ କଥା ହେଉଥିବେ, ଚିନ୍ତା କର ଓ ଲେଖ ।



ମୋତେ ପାଠ ପଢ଼ିବାକୁ ଭାରି କଷ୍ଟ ଲାଗୁଛି

ଯା'ହେଉ
ତୁମକୁ ମୋ' ଭଳି
କଷ୍ଟ କରିବାକୁ ପଡ଼ୁନି ।







DRAFT

୯. ମହୁମାଛି ସଂଗ୍ରହ କରିଥିବା ମହୁ ତୁମେ କେଉଁ କାମରେ ଲଗାଅ । (ପରିବାର ସଦସ୍ୟ ବା ଗୁରୁଜନମାନଙ୍କ ଠାରୁ ବୁଝି ଲେଖ)

(କ) ____________________

(ଖ) ____________________

(ଗ) ____________________

(ଘ) ____________________

୧୦. ପଠିତ ପାଠ ଅନୁସାରେ ତଳେ ଦିଆଯାଇଥିବା ବାକ୍ୟାଂଶକୁ ପୂରଣ କର ।

ଦିପୁନ୍ ଦେଖିଲା – ମହୁମାଛିଟି ଆନନ୍ଦରେ ..........................................................................

.......................................................................................................।


ଦିପୁନ୍ ଭାବିଲା – କୁକୁର ଜୀବନଟି ଭଲ । କୁକୁରକୁ କହିଲା ..................................................

.......................................................................................................।

ଦହିବରା ଖାଇସାରି ..........................................................................................

.......................................................................................................।

DRAFT



ମନେରଖ :

ଅନେକ ଲୋକ ଯହିଁ ମିଳି । ଅବଶ୍ୟ ଉପୁଜଇ କଳି ॥

ଓଡ଼ିଆ ଭାଗବତବାଣୀ

# ତୁମପରି ଛୋଟ ପିଲାଟିଏ



ତୁମପରି ଛୋଟ ପିଲାଟିଏ
ଗାଆଁ ଚାହାଳିର ଚାଟ ସିଏ,
ଚେହେରାଟି ତା'ର ଡଉଲ ଡାଉଲ
ବୁଦ୍ଧିରେ ତାହାର ସରି କିଏ ।



ଛାଡ଼ିଯାଇଥିଲା ଦିନେ ଝଡ଼ି
ବାହାରିଲା ସିଏ ପାଠ ପଢ଼ି,
ବାଟେ ଯାଉଯାଉ ଖସିଗଲା ଗୋଡ଼
ମୁହଁମାଡ଼ି ତଳେ ଗଲା ପଡ଼ି ।



ଗୁରୁଜୀ ଦେଖିଲେ ଦେହ ତା'ର
ପାଣି କାଦୁଅରେ ସରସର,
ତିଳେହେଁ ସେଥିକି ଖାତର ନକରି
ଆସିଅଛି ହୋଇ ତରବର ।



ପଚାରିଲେ ଗୁରୁ ଏ କି' ହେଲା
ଏତେ ସରି ତୋତେ କିଏ କଲା,
ପିଲାଟି କହିଲା ବେଗେ ଆସୁ ଆସୁ
କାଦୁଅରେ ଗୋଡ଼ ଖସିଗଲା ।



ହେଲା ଦଶହରା ଛୁଟି ବେଳ
ସାଥୀ ପିଲା ଡାକି କଲା ମେଳ,
ବାଲି ଗୋଡ଼ି ମାଟି ପକାଇ ସଭିଏଁ
ଗାଁ' ଦାଣ୍ଡ କଲେ ସମତୁଲ ।

ଏହା ଦେଖି ଲୋକେ ହେଲେ ବାବା
ଡକାଇଲେ ଗୁରୁ ଚାଟସଭା,
କହିଲେ ଏଭଳି ଭଲ କାମ କଲେ
ଦୁନିଆରେ ଦିନେ ବଡ଼ ହେବା

ବଡ଼ ହେଲା ଦିନେ ସେହି ପିଲା
'ମଧୁ ବାରିଷ୍ଟର' ବୋଲାଇଲା,
ଦେଶ ପାଇଁ କେତେ କାମ କରି ସିଏ
କାଳକାଳ ଯଶ ରଖିଗଲା ।

କହିଲା ଜାତିର କାନେ କାନେ
ଉଠିବୁ ଆଉ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ମହିମା
ପଡୁନାହିଁ କିରେ ତୋର ମନେ ।

ତେଜ ଭରା ତା'ର ବୀର ବାଣୀ
ନବ ଜାଗରଣ ଦେଲା ଆଣି,
ନୂଆ ଜୀବନର ଆଲୋକ ଦେଖାଇ
କୋଟି ଜନ-ମନ ନେଲା ଟାଣି ।



DRAFT

## ଆସ କଥାବାର୍ତ୍ତା ହେବା

୧. ତଳ ଚିତ୍ର ଦେଖି ତାହା ସଂପର୍କିତ ପଦଟିକୁ ମନେପକାଇ ଗାଇବା ।



୨. ତୁମେ ବିଦ୍ୟାଳୟକୁ ଯିବା ବାଟରେ ହଠାତ୍ ବର୍ଷା ହେଲା । ତୁମ ପାଖରେ ଛତା ନାହିଁ । ତୁମେ କ'ଣ କରିବ ?

୩. ମଧୁବାବୁଙ୍କ ପରି ଦେଶପାଇଁ କାମ କରିଥିବା ଆଉ କେତେ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ କୁହ ।

## ଚିନ୍ତା କର ଓ ଲେଖ

୧. ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର କୋଠରିରୁ ଖୋଜ ଓ ପୂରା ବାକ୍ୟରେ ଲେଖ ।

(କ) କବିତାରେ 'ଚାଟ' ଶବ୍ଦର ଅର୍ଥ କ'ଣ ?

ଉତ୍ତର :- ______________________________

(ଖ) ପିଲାଟି ବାଟରେ କାହିଁକି ପଡ଼ିଗଲା ?

ଉତ୍ତର :- ______________________________

(ଗ) ଦଶହରା ଛୁଟିରେ ପିଲାଟି କି କାମ କଲା ?

ଉତ୍ତର :- ______________________________

(ଘ) ଆଗକାଳରେ ବିଦ୍ୟାଳୟକୁ କ'ଣ କୁହାଯାଉଥିଲା ?

ଉତ୍ତର :- ______________________________

(ଙ) କବିତାରେ କାହା ବିଷୟରେ କୁହାଯାଇଛି ?

ଉତ୍ତର :- ______________________________

ମଧୁସୂଦନ ଦାସ / ସ୍ୱତନ୍ତ୍ର ଓଡ଼ିଶା ଗଠନ / ଗାଁ ବାଟ ସମତୁଲ କଲା /
ପାଠ ପଢୁଥିବା ପିଲା / କାଦୁଅରେ ଗୋଡ଼ ଖସିଯିବାରୁ / ଚାଟଶାଳୀ



DRAFT

୨. 'ତୁମ ପରି ଛୋଟ ପିଲାଟିଏ' କବିତାରେ ମଧୁବାବୁଙ୍କ ପିଲାଦିନର ଗୋଟିଏ ଘଟଣା ବିଷୟରେ ଲେଖାଯାଇଛି । ସେହି ଘଟଣାଟିକୁ ନିଜ ଭାଷାରେ ଲେଖ ।

ମଧୁବାବୁଙ୍କ ପିଲାଦିନର କଥା । ଥରେ ଝଡ଼ିବର୍ଷା ହୋଇ ______________

______________

______________

______________

______________

______________


______________

୩. ତୁମେ, ତୁମ ଘରେ କେଉଁସବୁ କାମରେ ସାହାଯ୍ୟ କରିପାରିବ, ଲେଖ ।

| | |
|---|---|
| ______________ | ______________ |
| ______________ | ______________ |
| ______________ | ______________ |
| ______________ | ______________ |

୪. କବିତା ଅନୁସାରେ ସମାନ ଅର୍ଥ ବୁଝାଉଥିବା ଶବ୍ଦ ଲେଖ ।

| | |
|---|---|
| ଚାଟ – ଛାତ୍ର | ଛୋଟ – ______ |
| ପିଲା – ______ | ବାଟ – ______ |
| ଗୁରୁଜୀ – ______ | ପାଣି – ______ |
| କାବା – ______ | ନବ – ______ |



DRAFT

୫. 'ଷ୍ଟ' କୁ ବ୍ୟବହାର କରି ପାଞ୍ଚୋଟି ଶବ୍ଦ ଲେଖ । ଯେପରି–


| | | |
|---|---|---|
| ବାରିଷ୍ଟର | | |
| | | |

୬. 'ସରସର' ପରି ଆଉ ତିନୋଟି ଯୋଡ଼ା ଶବ୍ଦ ଲେଖ ।

_______________ _______________ _______________

୭. ପ୍ରଜାପତିର ବାମପଟ ଡେଣାରେ ଥିବା ଶବ୍ଦ ଓ ବିପରୀତ ଅର୍ଥବୋଧକ ଶବ୍ଦକୁ ଡାହାଣପଟ ଡେଣାରୁ ବାଛି ତଳ କୋଠରିରେ ଲେଖ ।



୮. ମଧୁବାବୁଙ୍କ ପିଲାଦିନର ଘଟଣା ପଢ଼ି ତୁମେ ବି ଅନ୍ୟମାନଙ୍କର ଉପକାର କରିବା ପାଇଁ ପ୍ରେରଣା ପାଉଛ । ସେହି ବିଷୟରେ ବର୍ଣ୍ଣନା କରି ତୁମ ଆଈଙ୍କୁ ଚିଠି ଲେଖ ।


ପୂଜ୍ୟା ଆଈ,

ପ୍ରଣାମ ନେବ ।

DRAFT

୯. ପଢ଼ ଓ ଲେଖ ।

| | | |
|---|---|---|
| ବୁଦ୍ଧି | ବୃଦ୍ଧି | ଉଦ୍ଧାର |
| କ୍ଷମା | ଦକ୍ଷ, | ପକ୍ଷ |
| ଜ୍ଞାନ | ବିଜ୍ଞାନ | ଆଜ୍ଞା |
| ପତ୍ର | ଚିତ୍ର | ମିତ୍ରତା |



୧୦. ତୁମେ ଘରକୁ ଫେରିବା ବାଟରେ ଦେଖିଲ, ପିଲାଟିଏ ସାଇକେଲରୁ ତଳେ ପଡ଼ିଯାଇଛି । ତୁମେ ତାକୁ ତଳୁ ଉଠାଇଲ । ତା'ପରେ କ'ଣ କଥା ହେବ ଲେଖ ।



୧୧. ତୁମ ବିଦ୍ୟାଳୟର ପାଠାଗାରରୁ  ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଲେଖା ହୋଇଥିବା ବହି ଆଣି ପଢ଼ । ପଢ଼ିଥିବା ବିଷୟକୁ ନିଜ ଭାଷାରେ ଲେଖ ।

DRAFT

**ମନେରଖ :**

ଦୁଃଖେ ଅର୍ଜିତ ଯେତେ ଧନ । ସେ ନୁହେଁ ସୁଖେ ପ୍ରୟୋଜନ ॥

**ଓଡ଼ିଆ ଭାଗବତବାଣୀ**




# ଚତୁର କୃଷକ

କୃଷକଟିଏ ଜମିରେ କାମ କରୁଥିଲା । ହଠାତ୍ ଏକ ଭାଲୁ ସେଠାରେ ପହଞ୍ଚିଲା । ଭାଲୁଟି କୃଷକକୁ ମାରିବାକୁ ଦୌଡ଼ି ଆସିଲା । କୃଷକଟି ଡରିଯାଇ କହିଲା, "ମୋତେ କାହିଁକି ମାରିବ ? ଫସଲ ହେବାକୁ ଦିଅ ଯାହା ଅମଳ ହେବ ତୁମକୁ ତାହା ଖାଇବାକୁ ଦେବି ।"

ଭାଲୁ କହିଲା – "ହଉ, ଠିକ୍ ଅଛି ! ମାଟି ଉପରେ ଫଳୁଥିବା ଫସଲ ମୋର୍ ହେବ ଏବଂ ମାଟି ତଳେ ହେଉଥିବା ଫସଲ ତୁମେ ନେବ ।"

କୃଷକଟି ଚତୁରତାର ସହିତ କ୍ଷେତରେ ଆଳୁଚାଷ କଲା । କଥା ଅନୁସାରେ ଭାଲୁ ଭାଗରେ ଆଳୁର ପତ୍ର ପଡ଼ିଲା । ଭାଲୁ ରାଗିକରି କହିଲା– "ଦେଖ ଏଥର ମାଟି ତଳେ ହେଉଥିବା ଫସଲ ମୋର ଏବଂ ଉପରେ ହେଉଥିବା ଫସଲ ତୁମର ହେବ ।"





କୃଷକଟି ଏଥର ବୁଦ୍ଧି ଖଟାଇ ନିଜ କ୍ଷେତରେ ଗହମ ଚାଷ କଲା । ଗହମ ଅମଳ ବେଳ ଆସିଲା । ଭାଲୁ ଭାଗରେ ଏଥର ଗହମ ଗଛର ଚେର ପଡ଼ିଲା ।



ଭାଲୁଟି କୃଷକକୁ ବୁଦ୍ଧି ଶିଖାଇବ ବୋଲି ଚିନ୍ତା କଲା । କୃଷକକୁ କହିଲା– "ମାଟିର ଉପରେ ଓ ତଳେ ଫଳୁଥିବା ଫସଲ ଏବେ ମୋର ହେବ ।" କୃଷକଟି ଭାଲୁ କଥାରେ ରାଜି ହେଲା । ଏଥର କୃଷକ ଭାଲୁକୁ ବୋକା ବନାଇବା ପାଇଁ ଆଖୁଚାଷ କଲା । ଯେତେବେଳେ ଆଖୁ ବଡ଼ ହେଲା, ଭାଲୁକୁ ଆଖୁର ଉପର ଅର୍ଥାତ୍ ପତ୍ର ଏବଂ ତଳ ଚେର ମିଳିଲା ।

ଏକଥା ଦେଖି ଭାଲୁର ମୁଣ୍ଡ ଘୁରି ଗଲା । ଭାଲୁ ଆଉ କୃଷକ ପାଖକୁ ଆସିଲା ନାହିଁ ।



## ଆସ କଥାବାର୍ତ୍ତା ହେବା

୧. ତୁମ ଗାଁ ଆଖପାଖ ଅଞ୍ଚଳରେ କେଉଁସବୁ ଫସଲ ହୁଏ ?

୨. ତୁମ ଘରେ କିଏ ବିଲରେ କାମ କରନ୍ତି ?

୩. ତୁମକୁ କ'ଣ ସବୁ ଖାଇବାକୁ ଭଲ ଲାଗେ ?

୪. ଯଦି ତୁମେ ଭାଲୁ ସ୍ଥାନରେ ଥାଆନ୍ତ, ତେବେ କୃଷକର କ'ଣ କରିଥା'ନ୍ତ ?

## ଚିନ୍ତା କରି ଲେଖ

୧. କୃଷକଟି ଭାଲୁଠାରୁ ବଞ୍ଚିବା ପାଇଁ ତାକୁ କ'ଣ କହିଲା ?

ଉତ୍ତର.................................................................................................

୨. ଭାଲୁଟି ଦ୍ୱିତୀୟ ଥର ମାଟି ତଳର ଫସଲ କାହିଁକି ମାଗିଲା ?

ଉତ୍ତର.................................................................................................

୩. କୃଷକଟି ଶେଷରେ କିପରି ନିଜର ଚତୁରତା ଦେଖାଇଲା ?

ଉତ୍ତର.................................................................................................

୪. ତୁମେ କୃଷକ ସ୍ଥାନରେ ଥିଲେ କ'ଣ କରିଥା'ନ୍ତ ?

ଉତ୍ତର.................................................................................................

## ଭାଷାର କଥା

୧. ବିରାମ ଚିହ୍ନ ବ୍ୟବହାର କରି ବାକ୍ୟଟିକୁ ଆଉ ଥରେ ଖାଲିଘରେ ଲେଖ ।

(କ) କୃଷକଟି ଆଳୁ ଚାଷ କଲା (.......................................................................)

(ଖ) ମୋତେ କାହିଁକି ମାରୁଛ (.......................................................................)

(ଗ) ମୁଁ ଏହି କାମ କିପରି କରିବି (.......................................................................)

(ଘ) କୃଷକକୁ କହିଲା ମାଟିର ଉପରେ ଓ ତଳେ ଫଳୁଥିବା ଫଳର ନାମ କ'ଣ (..............................................

.......................................................................................................



(ଙ) ଭାଲୁର ମୁଣ୍ଡ ଘୂରେଇ ଦେଲା (.......................................................................)

DRAFT



## ଚିନ୍ତା କରି ଲେଖ


୧. ଭାଲୁ ଯଦି ହାର ମାନି ନଥା'ନ୍ତା, ତେବେ କୃଷକ କ'ଣ କରିଥା'ନ୍ତା ?

ଉତ୍ତର........................................................................................................................................


୨. ତୁମ ମତରେ କୃଷକ ଅମଳ କରିଥିବା ଫସଲ ଉପରେ କାହାର ଅଧିକାର ରହିବା ଉଚିତ ?


ଉତ୍ତର........................................................................................................................................

୩. ଚିତ୍ରଗୁଡ଼ିକୁ ଦେଖ । ସାରଣୀରୁ ଅକ୍ଷର ନେଇ ସେମାନଙ୍କର ନାମକୁ ତଳ କୋଠରିରେ ଲେଖ ।


    

| | | | | | |
|---|---|---|---|---|---|
| ମୂ | ହ | ଦ | କୁ | ନି | ଗା |
| କୁ | ର | ସିଂ | ଡା | ଠେ | ର |
| ମ୍ବ | ଓ | ଟା | ହା | ଟ | ପେ |
| ମା | ଯ | ଆ | ର | କ | ଆ |
| ଭୂ | ଙ୍କ | ତ | ଳୀ | ଘୋ | ଡ଼ା |
| ତୀ | ବ | ଜ | କୁ | ଚ | କା |

| | | | |
|---|---|---|---|
| ସିଂହ | | | |
| | | | |
| | | | |



୪. କାହାକୁ କେଉଁ ଖାଦ୍ୟ ଭଲ ଲାଗେ, ମନେ ପକାଇ ଗାର ଟାଣି ଯୋଡ଼ ।





ମାଂସ

ଘାସ, କୁଣ୍ଡା ତୋରାଣି

ଫିଳୁଜି, ଅଙ୍ଗୁର

ସାର ମିଶା ପାଣି

ଫୁଲ ରସ







DRAFT

୫. ତୁମ ଘରକୁ ଆସୁଥିବା ପନିପରିବାଗୁଡ଼ିକୁ ସାରଣୀରେ ସଜାଅ ।

| | | |
|---|---|---|
| ମାଟି ଉପରେ ଫଳୁଥିବା ପନିପରିବା | | |
| ମାଟି ତଳେ ଫଳୁଥିବା ପନିପରିବା | | |
| ପତ୍ର ରୂପରେ ଆସୁଥିବା ପନିପରିବା | | |
| ଲତାରେ ଫଳୁଥିବା ପନିପରିବା | | |
| କଞ୍ଚା ଖାଉଥିବା ପନିପରିବା | |  |

୬. ଗପରେ ଥିବା ଭାଲୁ ଯଦି ତୁମ ବିଦ୍ୟାଳୟକୁ ଆସେ, ତେବେ ତୁମେ ଭାଲୁ ସହ କ'ଣ କଥା ହେବ ?

ତୁମେ : ______________________________

ଭାଲୁ : ______________________________

ତୁମେ : ______________________________

ଭାଲୁ : ______________________________



## ଚିତ୍ର କରି ରଙ୍ଗ ଦିଅ

ଗୋଟିଏ ଭାଲୁର ଚିତ୍ର ଆଙ୍କି ରଙ୍ଗ ଦିଅ ।



## ଚଟାପଟ କୁହ



ଓଟ ବଡ଼
ଓଟର ଓଠ ବଡ଼


ବଗ ବେକ ବଙ୍କା
ବଗ ବାପା ବେକ ବଙ୍କା

କଳାଛେଳି ହଳେ
ଧଳାଛେଳି ହଳେ
କଳି କଲେ ବନ୍ଧ ତଳେ



DRAFT

# ସେହି ମୋ' ପ୍ରିୟ ଜନମ ଭୂଇଁ



ଯେଉଁ ଦେଶରେ ଜନମ ମୋର
ଯାହାର କୋଳେ ବଢ଼ିଛି ମୁହିଁ,
ଜନନୀ ପରି ପାଳୁଛି ଯିଏ
ସେହିତ ମୋର ଜନମ ଭୂଇଁ ।



ଗହନ ବନ ଶ୍ୟାମଳ ତରୁ
ଗହଳ ଲତା ଦେହେ ତା' ଶୋହେ,
ଡାଳରୁ ଡାଳେ ବିହଙ୍ଗ ଉଡ଼ି
ମଧୁର ଗାନେ ପରାଣ ମୋହେ ।



ତାରକା ମେଳେ ଆକାଶେ ତା'ର
ଜୋଛନା ଢାଳେ ବିମଳ ଶଶୀ,
ଗୋଟିକି ଗୋଟି କୁସୁମ ଫୁଟି
କୋଳେ ତା' ଲୋଟି ଉଠଇ ହସି ।




ସାଗରେ ନୀଳ ଲହରୀ ମାଳ
ନାଚି ନାଚି ତା' ଚରଣ ଧୁଏ,
ଖେଳି ଖେଳିକା ଝରଣା କେତେ
ସରାଗେ ତା'ର ଦେହଟି ଛୁଏଁ ।



DRAFT

ସେହି ଦେଶର ପଲ୍ଲୀ ପୁରେ
ଆପଣା ପର ବିଚାର ନାହିଁ,
ସବୁରି ସାଥେ ଖେଳେ ମୁଁ ହସି
ସଭିଏଁ ମୋର ଭଉଣୀ ଭାଇ ।



ତାହାରି ସୁଖ କାମନା ଆମ
ତାହାରି ସେବା ଆମରି କାମ,
ତାହାରି ପାଇଁ ଜୀବନ ଢାଳି
ରଖିବା ଆମେ ତାହାର ନାମ ।

ସେହିତ ଗଢ଼େ ଜୀବନ ମୋର
ସେନେହେ ତା'ର ବଢ଼ୁଛି ମୁହିଁ,
ତାହାଠୁ ବଡ଼ ନାହିଁ କେ ଆଉ
ସେହି ମୋ' ପ୍ରିୟ ଜନମ ଭୂଇଁ ।

## ଆସ କଥାବାର୍ତ୍ତା ହେବା



୧. ତୁମ ଦେଶର ନାମ କ'ଣ ?

୨. ତୁମେ ଜାଣିଥିବା ନଦୀ ଓ ପର୍ବତର ନାମ କୁହ ।

୩. ଜନ୍ମଭୂମିଠାରୁ ତୁମେ କେଉଁସବୁ ଉପକାର ପାଅ ?

## ଚିନ୍ତା କର ଓ ଲେଖ

୧. ତୁମ ଜନ୍ମଭୂମିର ନାମ କ'ଣ ?

ଉତ୍ତର ..............................................................

୨. ଜନ୍ମଭୂମିର ପାଦ କିଏ ଧୋଇଦିଏ ?

ଉତ୍ତର ..............................................................

୩. କେଉଁମାନେ ତୁମର ଭଉଣୀ ଭାଇ ?

ଉତ୍ତର ..............................................................

୪. ତୁମେ ଜନ୍ମଭୂମିର ଟେକ କିପରି ରଖିବ ?

ଉତ୍ତର ..............................................................

## କବିତାକୁ ପଢ଼ ଓ ଶୂନ୍ୟସ୍ଥାନ ପୂରଣ କର

୧. ତାରକା ମେଳେ ______
ଜୋଛନା ଡାଳେ ______
______ କୁସୁମ ଫୁଟି
କୋଳେ ତା' ଲୋଟି ______

୨. ସେହିତ ଗଢ଼େ ______
______ ବଢ଼ୁଛି ମୁହିଁ,
ତାହାଠୁ ବଡ଼ ______
______ ଜନମ ଭୂଇଁ ।





## ଶବ୍ଦର ଖେଳ

୧. ମଝି ଗୋଲ୍ ଭିତରୁ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଆଣି ସେମାନଙ୍କର ପାଖ ଘରେ ଲେଖ।

| | | | | |
|---|---|---|---|---|
| ଜନନୀ | | ଗଗନ | ଶଶୀ | |
| | | ଫୁଲ | | |
| ବିହଙ୍ଗ | | ପକ୍ଷୀ, ପଶୁ | ସାଗର | |
| | | ମାଆ, ସୂର୍ଯ୍ୟ | | |
| କୁସୁମ | | ଚନ୍ଦ୍ର, ସମୁଦ୍ର | ଆକାଶ | |

୨. ଆସ, ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଖାଲି ଜାଗାରେ ଲେଖିବା ଓ କବିତାଟିକୁ ଗାଇବା।

(ଜଗତ, ଚକିତ, ଗୀତ, ଭାରତ, ମହତ)

ସାରା ____________ ରେ ଆମ ____________

ଶୁଣାଇ ସଭିଙ୍କୁ ଶାନ୍ତିର ____________

ପୃଥିବୀବାସୀଙ୍କୁ କରେ ____________

ଆସରେ ରଖିବା ତା'ର ____________ ।

୩. ଆସ କବିତାରେ ପଢ଼ିଥିବା ଶବ୍ଦଗୁଡ଼ିକୁ ସାରଣୀରୁ ଖୋଜି ଗୋଲ୍ ବୁଲାଇବା ଓ ଖାଲି ଜାଗାରେ ଲେଖିବା।

| | | | | |
|---|---|---|---|---|
| ଜ | ଛ | ନା | ଜ | ଳି |
| ନ | ଜୀ | ବ | ନ | ନୀ |
| ନୀ | ଗ | ଶ୍ୟା | ମ | କ |
| ଲ | ହ | ରୀ | ସୁ | ଖ |
| ବ | ନ | ତା | ର | କା |


ଜନନୀ ____________ ____________

____________ ____________

____________ ____________

____________ ____________

____________ ____________



DRAFT

## ବୁଝ ଓ ଲେଖ

୧. ତଳଲିଖିତ ଶବ୍ଦଗୁଡ଼ିକୁ ଅଲଗା ଅଲଗା ଅର୍ଥରେ ଲେଖ ।

ଯେପରି

ହାର — ସୁଧର ହାର / ଫୁଲର ହାର

ମାନ — ______ / ______

ଫଳ — ______ / ______

ଟେକ — ______ / ______

DRAFT

୨. ତଳଲିଖିତ ବାକ୍ୟଗୁଡ଼ିକୁ ପଢ଼ ଓ ସେହି ଅର୍ଥକୁ ବୁଝାଉଥିବା ଧାଡ଼ିଟିକୁ କବିତାରୁ ବାଛି ଲେଖ ।

(କ) ଯିଏ ଜନନୀ ପରି ମୋତେ ପାଳୁଛି, ସେହି ମୋ ଜନ୍ମଭୂମି ଅଟେ ।

______________________________

______________________________

(ଖ) ସାଗରର ନୀଳ ଲହରୀସବୁ ନାଚି ନାଚି ତା'ର ଚରଣକୁ ଧୋଇଦିଏ ।

______________________________

______________________________

(ଗ) ଆମେ ତାହାର ସୁଖ କାମନା କରୁ ଓ ତାହାର ସେବା କରିବା ଆମର କାମ ଅଟେ ।

______________________________

______________________________



୩. ତୁମେ ଜାଣିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଲେଖ । ଯେପରି- ସୁବାସ ଚନ୍ଦ୍ର ବୋଷ

_______________ _______________

_______________ _______________


_______________ _______________


୪. ଆସ, କବିତାରେ ପଢ଼ିଥିବା ଶବ୍ଦକୁ କଥାରେ ଲେଖିବା । ଯେପରି-

| | | | |
|---|---|---|---|
| ଜନମ → | ଜନ୍ମ | ପରାଣ → | |
| ଜୋଛନା → | | ସେନେହ → | |
| କୋଳେ → | | ଶୋହେ → | |

## ଆସ ତିଆରି କରିବା

୧. ଆସ, ରଙ୍ଗୀନ କାଗଜ ଓ କଇଁଚି ବ୍ୟବହାର କରି ମୁକୁଟ ତିଆରି କରିବା ।



DRAFT

୨. ଭାରତର ଜାତୀୟ ପତାକାର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

## ବୁଝ ଓ ଚିନ୍ତା କରି ତାହାର ନାମ କୁହ



ନାକରେ ବସିକି କାନକୁ ଧରେ
ଛୋଟ ଜିନିଷକୁ ବଡ଼ ସେ କରେ ।
ତା' ବିନା ଆଈକୁ ଅନ୍ଧାର ଦିଶେ
ଅଜାଙ୍କ ହାତରୁ ବାଡ଼ିଟି ଖସେ ।
ଖୋଳଟି ଭିତରେ ରୁହଇ ସିଏ
ନାମଟି ତାହାର କହିବ କିଏ ?

ଛାତିରେ ଚାଲେ ମୁଁ ଆଖିରେ ଶୁଣେ
ଲୋକଙ୍କ ମନରେ ଭୟକୁ ବୁଣେ ।
ପର ଘରେ ରହେ ନାହିଁ ମୋ ଘର
ଚକ୍ଷୁଶ୍ରବା ବୋଲି କୁହନ୍ତି ନର ।
ନେଉଳ ଅଟଇ ମୋର ବଇରୀ
ନାମଟି ମୋ କୁହ ଡେରି ନ କରି ।



DRAFT

# ଚନ୍ଦ୍ରଯାନ

(ଶିକ୍ଷୟିତ୍ରୀ ଶ୍ରେଣୀ ଗୃହକୁ ପ୍ରବେଶ କଲେ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିବାଦନ ଜଣାଇଲେ ।)

ଛାତ୍ରଛାତ୍ରୀ – ଶୁଭ ସକାଳ ଗୁରୁମା ।

ଶିକ୍ଷୟିତ୍ରୀ – ଶୁଭ ସକାଳ ପିଲାମାନେ ।

– ଆଚ୍ଛା ପିଲାମାନେ – କହିଲ ଦେଖି, ତୁମେ ତ ସବୁ ଚନ୍ଦ୍ର ଦେଖିଥିବ !

ଛାତ୍ରଛାତ୍ରୀ – ହଁ, ଗୁରୁମା । ଆମେ ଚନ୍ଦ୍ର ଦେଖିଛୁ ।

ମୁନି – ଗୁରୁମା, ଆକାଶରେ ଚନ୍ଦ୍ର କେତେବେଳେ ଦେଖାଯାଏ ତ ପୁଣି କେତେବେଳେ ଦେଖାଯାଏ ନାହିଁ ।

ଶିକ୍ଷୟିତ୍ରୀ – ହଁ, ହଁ.... ମୁନି ଗୋଟିଏ ଭଲ କଥା କହିଲା । ଆଚ୍ଛା ! ଏପରି କାହିଁକି ହୁଏ ?

ରମୁ – ଗୁରୁମା, ଚନ୍ଦ୍ରଟା ଭାରି ମନ ମୋଟିଆ । ତା'ର ଇଚ୍ଛା ହେଲେ ଦେଖାଦିଏ ନଚେତ୍ ଲୁଚିଯାଏ ।

ମଧୁ – ସେ ବାଦଲ ସାଙ୍ଗରେ ଲୁଚକାଳି ଖେଳୁଥାଏ ।

ଶିକ୍ଷୟିତ୍ରୀ – ନା...ନା... । ପ୍ରକୃତରେ ପୃଥିବୀ ଓ ଚନ୍ଦ୍ରର ଗତି ପାଇଁ ଏମିତି ହୁଏ । ସେ ବିଷୟରେ ତୁମେ ତୁମ ବିଜ୍ଞାନ ଗୁରୁମା'ଙ୍କୁ ପଚାରି ବୁଝିବ ।

ନିକିତା – ଗୁରୁମା.... ଗୁରୁମା.... । ମୋର ଭାରି ଇଚ୍ଛା ମୁଁ ଥରେ ଚନ୍ଦ୍ରକୁ ଯାଆନ୍ତି ।

ମୁନି – ଆମେ କ'ଣ ଚନ୍ଦ୍ରକୁ ଯାଇପାରିବା ?




ବବ୍‌ଲୁ – ହଁ ରକେଟ୍‌ରେ ବସି ଯାଇପାରିବା ।

ଶିକ୍ଷୟିତ୍ରୀ – ଆଚ୍ଛା କିଏ କହିପାରିବ – ଚନ୍ଦ୍ରକୁ କେଉଁସବୁ ରକେଟ୍ ଯାଇଛି ?

ତୁଷାର – ଚନ୍ଦ୍ରଯାନ-୧, ଚନ୍ଦ୍ରଯାନ-୨, ଚନ୍ଦ୍ରଯାନ-୩

ଶିକ୍ଷୟିତ୍ରୀ – ଆରେ ବାଃ, ତୁମେମାନେ ତ ଚନ୍ଦ୍ରଯାନ ବିଷୟରେ ବହୁତ ଜାଣିଛ । ଆଉ କିଏ କ'ଣ ସବୁ ଜାଣିଛ ?

ମଧୁ – ଗୁରୁମା ! ଏବେ ଭାରତ ଚନ୍ଦ୍ରପୃଷ୍ଠକୁ ଏକ ଯାନ ପଠାଇଥଲା । କ'ଣ ସେ ଯାନଟି ତ......



DRAFT




| | | |
|---|---|---|
| ଶିକ୍ଷୟିତ୍ରୀ | - | ହଁ, ଚନ୍ଦ୍ରଯାନ-୩ । ଆମ ଦେଶର ବୈଜ୍ଞାନିକମାନେ ଚନ୍ଦ୍ରର ଦକ୍ଷିଣମେରୁରେ ଚନ୍ଦ୍ରଯାନ-୩ର ସଫଳ ଅବତାରଣ କରାଇଛନ୍ତି । |
| ବବ୍‌ଲୁ | - | ହଁ, ଗୁରୁମା । ସେଇ ଚନ୍ଦ୍ରଯାନ-୩ରେ ସୁନୀତା ୱିଲିୟମ ଚନ୍ଦ୍ରକୁ ଯାଇଥଲେ । ସେଠାରେ ୯ ମାସ ରହି ମାର୍ଚ୍ଚ ମାସ ୨୦୨୫ ମସିହାରେ ପୃଥିବୀକୁ ଫେରିଆସିଛନ୍ତି । |
| ବୁନୁ | - | ଗୁରୁମା, ବାପା କହୁଥିଲେ, - "ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନକୁ ପହଞ୍ଚାଇବାରେ ଭାରତ ହେଉଛି ପ୍ରଥମ ଦେଶ ।" |
| ଶିକ୍ଷୟିତ୍ରୀ | - | ହଁ, ହଁ, ଠିକ୍ କହିଛ । ଆଚ୍ଛା କହିଲ, ସେହି ଦକ୍ଷିଣମେରୁଟି କ'ଣ ? |
| ନିକିତା | - | ଆମକୁ ସେ ବିଷୟରେ କିଛି କୁହନ୍ତୁ । |
| ଶିକ୍ଷୟିତ୍ରୀ | - | ହଉ ଶୁଣ ! ପୃଥିବୀର ଦକ୍ଷିଣ ଦିଗ ଶେଷକୁ ଦକ୍ଷିଣମେରୁ କୁହାଯାଏ । ସେହିପରି ଚନ୍ଦ୍ରର ଦକ୍ଷିଣ ଦିଗ ଶେଷକୁ ଚନ୍ଦ୍ରର ଦକ୍ଷିଣମେରୁ କୁହାଯାଏ । ଆମ ଦେଶର ବୈଜ୍ଞାନିକମାନଙ୍କ ଅବିରତ ଉଦ୍ୟମ ଯୋଗୁଁ ସେଠାରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ହୋଇପାରିଲା । ଏହା ଆମ ଦେଶ ପାଇଁ ଗର୍ବ ଓ ଗୌରବର କଥା । |
| ସିଦ୍ଧାର୍ଥ | - | ଗୁରୁମା ଚନ୍ଦ୍ରଯାନ କାହିଁକି ଚନ୍ଦ୍ରପୃଷ୍ଠକୁ ପଠାଯାଇଥିଲା ? |
| ନିକିତା | - | ଆରେ ତୁ ଜାଣିନୁ ! ଚନ୍ଦ୍ର ବିଷୟରେ ନୂଆ ନୂଆ କଥା ଜାଣିବା ପାଇଁ ପରା ଚନ୍ଦ୍ରଯାନ ପଠାଯାଇଥିଲା । |
| ଶିକ୍ଷୟିତ୍ରୀ | - | ଆଚ୍ଛା ! କହିଲ ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ କ'ଣ ସବୁ ଦେଖିଥିଲେ ? |
| ନଗ୍‌ମା | - | ପାଣି, ମାଟି........ |
| ଶିକ୍ଷୟିତ୍ରୀ | - | ଠିକ୍ କହିଛ । ଆରେ ତମେତ ସବୁ ବହୁତ କିଛି ଜାଣିଛ ! |
| ବାବୁନି | - | ଚନ୍ଦ୍ର ପୃଥିବୀଠାରୁ ବହୁତ ଦୂରରେ ଅଛି । ତେଣୁ ବୈଜ୍ଞାନିକମାନେ ରକେଟ୍ ପଠାଇ ସେହି ସ୍ଥାନରେ କ'ଣ ସବୁ ଅଛି, ଜାଣିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । |



ଶିକ୍ଷୟିତ୍ରୀ - ହଁ, ବୈଜ୍ଞାନିକମାନେ ତାହାକୁ 'ଚନ୍ଦ୍ରଯାନ ମିଶନ୍' ନାମ ଦେଇଛନ୍ତି । ଚନ୍ଦ୍ରଯାନ- ୨ ଚନ୍ଦ୍ର ଚାରିପାଖରେ ଘୂରି ଘୂରି, ଚନ୍ଦ୍ରରେ ପାଣି ଥିବାର ସନ୍ଧାନ ପାଇଥିଲା ।

ରମ୍ମ - ଗୁରୁମା, ବୈଜ୍ଞାନିକମାନେ ପାଣି ଖୋଜି ଖୋଜି ଏତେ ଦୂରକୁ କାହିଁକି ଯାଉଛନ୍ତି ? ଆମ ଘର ପାଖରେ ତ କୂଅ, ପୋଖରୀ, ନଈ ସବୁ ତ ଅଛି ।

ନଗ୍‌ମା - ଆରେ ସେମାନେ ପାଣି ଖୋଜିବା ପାଇଁ ଯାଇ ନଥିଲେ ସେମାନେ ଚନ୍ଦ୍ର ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବାକୁ ଯାଇଥିଲେ ।


ଶିକ୍ଷୟିତ୍ରୀ - ହଁ ଠିକ୍ କଥା ! ଚନ୍ଦ୍ର ବିଷୟରେ କିଛି ଜାଣିବା ପରେ, ଆଉ ଅଧିକ ଜାଣିବା ପାଇଁ ବୈଜ୍ଞାନିକମାନଙ୍କ ମନରେ ଆଗ୍ରହ ହେଲା । ତେଣୁ ସେମାନେ ପୁଣିଥରେ ରକେଟ୍ ପଠାଇବାକୁ ଯୋଜନା କଲେ । ଆଉ ଚନ୍ଦ୍ରଯାନ- ୨ କୁ ଚନ୍ଦ୍ରପୃଷ୍ଠକୁ ପଠାଇଲେ ।

ନିକିତା - ଗୁରୁମା ! ମୁଁ ଶୁଣିଥିଲି କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚନ୍ଦ୍ରଯାନ- ୨ ଚନ୍ଦ୍ରପୃଷ୍ଠରେ ଅବତରଣ କରିପାରି ନଥିଲା ।

ଶିକ୍ଷୟିତ୍ରୀ - ହଁ ! ହେଲେ ଆମ ବୈଜ୍ଞାନିକମାନେ ସେଥିପାଇଁ ନିଜର ମନୋବଳ ହରାଇ ନଥିଲେ । ଅଧିକ ପରିଶ୍ରମ କରି ଚନ୍ଦ୍ରଯାନ-୩ କୁ ଚନ୍ଦ୍ରପୃଷ୍ଠକୁ ପଠାଇଥିଲେ । ଆଉ ଶେଷରେ ସଫଳ ହୋଇଥିଲେ ।

ତୁଷାର - ଗୁରୁମା ! ଏବେ ଚନ୍ଦ୍ରକୁ ନେଇ ବୈଜ୍ଞାନିକମାନେ କ'ଣ ସବୁ ଗବେଷଣା କରୁଛନ୍ତି ?

ଶିକ୍ଷୟିତ୍ରୀ - ବାଃ, ଭଲ ପ୍ରଶ୍ନଟିଏ ପଚାରିଛ ! ତୁମେମାନେ ଜାଣିଛ କି, ଯେଉଁ ଯନ୍ତ୍ର ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି ତା'ର ନାମ ହେଉଛି 'ବିକ୍ରମ ଲ୍ୟାଣ୍ଡର' । ଏହି ଲ୍ୟାଣ୍ଡର ନିଜ ସହ 'ପ୍ରଜ୍ଞାନ୍' ନାମକ ଅନ୍ୟ ଏକ ଯନ୍ତ୍ରକୁ ନେଇ ଯାଇଥିଲା । ସେହି 'ପ୍ରଜ୍ଞାନ୍' ଚନ୍ଦ୍ରପୃଷ୍ଠରେ ଘୂରି ଘୂରି ସେଠାରୁ ମିଳିଥିବା ମାଟି ପୃଥିବୀର ମାଟି ସହ ସମାନ କି ନାହିଁ ଓ ସେଠାରେ ବସବାସ କରିବା ସମ୍ଭବ କି ନାହିଁ ସେ ବିଷୟରେ ଅନୁସନ୍ଧାନ କରିଥିଲା ।




ମଧୁ - (ଆଶ୍ଚର୍ଯ୍ୟ ହୋଇ) ଏ ବିଷୟରେ ଆମେ ତ ଏତେ କଥା ଜାଣି ନଥିଲୁ !

ଶିକ୍ଷୟିତ୍ରୀ - ହଁ ପିଲାମାନେ, ଆମେ ଯଦି ବାରମ୍ବାର ଚେଷ୍ଟା କରିବା ତା' ହେଲେ କଠିନ ସମସ୍ୟାଗୁଡ଼ିକୁ ମଧ୍ୟ ସହଜରେ ସମାଧାନ କରିପାରିବା । ନୂଆ ନୂଆ କଥା ମଧ୍ୟ ଜାଣିପାରିବା ।

ନନ୍ଦିନୀ - ଗୁରୁମା ! ଚନ୍ଦ୍ରକୁ ନେଇ କିଛି ଗୀତ ଅଛି କି ?

ଶିକ୍ଷୟିତ୍ରୀ - ହଁ ଅଛି, ଆସ ସମସ୍ତେ ମିଶି ଗାଇବା ।





## ଆସ କଥାବାର୍ତ୍ତା ହେବା

୧. ସୂର୍ଯ୍ୟ, ଚନ୍ଦ୍ର ଓ ତାରାକୁ ନେଇ ତୁମେ ଗପଟିଏ କୁହ କିମ୍ବା କବିତାଟିଏ ଆବୃତ୍ତି କର ।

୨. ଦ୍ୱିତୀୟ ଶ୍ରେଣୀ ବହିରେ 'ଚନ୍ଦ୍ର' ବିଷୟରେ ପଢ଼ିଥିବା କଥାକୁ ମନେ ପକାଇ କୁହ ।

୩. ତୁମ ଅଞ୍ଚଳରେ ଚନ୍ଦ୍ରକୁ ନେଇ ପାଳନ କରାଯାଉଥିବା ପର୍ବ ବିଷୟରେ କୁହ ।

୪. ଚନ୍ଦ୍ରଯାନ ବିଷୟରେ ଯାହା ଶୁଣିଛ କୁହ ।



## ଚିନ୍ତା କରି ଲେଖ

୧. ଏହି ପାଠଟିରେ (ଏକାଙ୍କିକା) କେଉଁ ବିଷୟରେ ଆଲୋଚନା କରାଯାଇଛି, ସେ ସଂପର୍କରେ ଯାହା ବୁଝିଛ ଲେଖ ।

ଉତ୍ତର.............................................................................................................

୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ପାଖରେ ଠିକ୍ (✓) ଚିହ୍ନ ଦିଅ ।

**କ. କେଉଁ ଯାନରେ ତୁମେ ଚନ୍ଦ୍ରପୃଷ୍ଠକୁ ଯାଇପାରିବ ?**

- ❖ ରକେଟ୍ ☐
- ❖ ବସ୍ ☐
- ❖ ଉଡ଼ାଜାହାଜ ☐

ଖ. ୨୦୨୪ ମସିହାରେ କେଉଁ ଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା ?

- ❖ ଚନ୍ଦ୍ରଯାନ-୧ ☐
- ❖ ଚନ୍ଦ୍ରଯାନ-୨ ☐
- ❖ ଚନ୍ଦ୍ରଯାନ-୩ ☐

ଗ. ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠକୁ ଯିବା ପାଇଁ କାହିଁକି ଇଚ୍ଛା କଲେ ?

- ❖ ବୈଜ୍ଞାନିକମାନେ ସମଗ୍ର ପୃଥିବୀ ବୁଲି ସାରିଥିଲେ । ☐
- ❖ ବୈଜ୍ଞାନିକମାନେ ଚନ୍ଦ୍ର ସଂପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ଚାହୁଁଥିଲେ । ☐



- ❖ ବୈଜ୍ଞାନିକମାନେ ଚନ୍ଦ୍ର ସଂପର୍କରେ ଗୀତ ଗପ ଲେଖିବା ପାଇଁ ଚାହୁଁଥିଲେ । ☐

DRAFT

## ଚିନ୍ତା କରି କୁହ ଓ ଲେଖ

୩. (କ) ତୁମକୁ ଯଦି ଚନ୍ଦ୍ରଯାନରେ ଯିବା ପାଇଁ ସୁଯୋଗ ମିଳେ, ତେବେ ତୁମେ କାହାକୁ ସାଙ୍ଗରେ ନେବାପାଇଁ ଚାହିଁବ ଓ କାହିଁକି ?

ଉତ୍ତର :.......................................................................................................................

(ଖ) ତୁମକୁ ଚନ୍ଦ୍ରଯାନରେ ଚନ୍ଦ୍ରକୁ ଯିବା ପାଇଁ କୁହାଗଲେ, ତୁମେ ଯିବା ପୂର୍ବରୁ କ'ଣ ସବୁ ଯୋଜନା କରିବ ?

ଉତ୍ତର :.......................................................................................................................

୪. ତଳେ ଦିଆଯାଇଥିବା ଶବ୍ଦ ଶେଷରେ 'ଯାନ' ଲଗାଇ ନୂଆ ଶବ୍ଦ ଗଢ଼ ଓ ଲେଖ ।

(କ) ଚନ୍ଦ୍ର ......................

(ଖ) ବ୍ୟୋମ ......................


(ଗ) ଭାରି ......................

(ଘ) ହାଲୁକା ......................

୫. ଯଦି ତୁମ ବିଦ୍ୟାଳୟକୁ ସୁନୀତା ୱିଲିୟମ୍ ଆସନ୍ତି, ତୁମେ ତାଙ୍କୁ କ'ଣ ପଚାରିବ, ତାହାକୁ ତଳ କୋଠରିରେ ଲେଖ ।

DRAFT

୬. ଚନ୍ଦ୍ରକୁ ତୁମେ ଯେଉଁ ନାମରେ ଜାଣିଛ ସେସବୁକୁ ଖାଲିଥିବା ଗୋଲ ମଧ୍ୟରେ ଲେଖ ।






## ଭାଷାର କଥା

୧. 'ଘୂରିଘୂରି' ଶବ୍ଦ ପରି ଆଉ କେତୋଟି ଶବ୍ଦ ଲେଖ ।

________________ ________________

________________ ________________

୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କୃଷକ, ସୈନିକ, ଶିକ୍ଷକ, ଚିକିତ୍ସକ, ବୈଜ୍ଞାନିକ)

(କ) ଯିଏ ଦେଶକୁ ରକ୍ଷା କରନ୍ତି, ସେ ________________

(ଖ) ଯିଏ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରନ୍ତି, ସେ ________________

(ଗ) ଯିଏ ଶିକ୍ଷା ଦାନ କରନ୍ତି, ସେ ________________

(ଘ) ଯିଏ ରୋଗର ଚିକିତ୍ସା କରନ୍ତି, ସେ ________________

(ଙ) ଯିଏ କ୍ଷେତରେ କୃଷିକାର୍ଯ୍ୟ କରନ୍ତି, ସେ ________________

୩. ଚନ୍ଦ୍ରଙ୍କ ବିଷୟରେ କେତୋଟି ବାକ୍ୟ ଲେଖ ।

ଆମେ ରାତି ଆକାଶରେ ଚନ୍ଦ୍ର ଦେଖୁ ।

________________________________

________________________________

________________________________

________________________________

## ବୁଝ ଓ ଲେଖ

ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦକୁ ଲେଖ ।

(କ) ନୂଆ ____________ (ଖ) କଠିନ ____________

(ଗ) ଶେଷ ____________ (ଘ) ଅସଫଳ ____________

## ସ୍ୱ-ଶିକ୍ଷଣ

ପୁରୁଣା ସମ୍ବାଦପତ୍ର / ପତ୍ରପତ୍ରିକାରୁ ଚନ୍ଦ୍ରଯାନ ମିଶନ ସହ ଜଡ଼ିତ ସମ୍ବାଦ ଓ ଚିତ୍ର ସଂଗ୍ରହ କରି ନିଜ ଖାତାରେ ଲଗାଅ ।

DRAFT

# ଶହୀଦ୍ ବୀର ଲକ୍ଷ୍ମଣ ନାୟକ

## (୨୨ ନଭେମ୍ବର ୧୮୯୯ - ୨୯ ମାର୍ଚ୍ଚ ୧୯୪୩)





ଗାନ୍ଧିଜୀଙ୍କ ଡାକରାରେ ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ସାରା ଓଡ଼ିଶାକୁ ବ୍ୟାପି ଯାଇଥାଏ । କୋରାପୁଟ ଜିଲ୍ଲା ଏଥିରୁ ବାଦ୍ ପଡ଼ିଥାନ୍ତା ବା କିପରି ? ଶ୍ରୀଯୁକ୍ତ ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀଙ୍କ ସହ ଆଦିବାସୀ ନେତା ଲକ୍ଷ୍ମଣ ନାୟକ ଆନ୍ଦୋଳନର ନେତୃତ୍ୱ ନେଇଥାନ୍ତି ।

ଲକ୍ଷ୍ମଣ ନାୟକ ଏବେକାର ମାଲକାନାଗିରି ଜିଲ୍ଲାର ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ସଚ୍ଚା ଦେଶଭକ୍ତ ଓ ସତ୍ୟାଗ୍ରହୀ ସୈନିକ । ସେ ବଣପାହାଡ଼ଘେରା ଆଦିବାସୀ ଗାଁମାନଙ୍କୁ ଯାଇ ଜାତୀୟ କଂଗ୍ରେସର ବାର୍ତ୍ତା ପ୍ରଚାର କରିଥିଲେ । ତାଙ୍କରି ଉଦ୍ୟମ ଯୋଗୁଁ ଚାରିଆଡ଼େ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର ହେବାକୁ ଲାଗିଲା । ସବୁବେଳେ ସେ କହୁଥିଲେ ସେ ରାଇଜର ସ୍ୱରାଜ ଆଣିବାକୁ ଯାଉଛନ୍ତି । "କୁଟି ଖାଅ, କାଟି ପିନ୍ଧ" ଓ "ଚରଖା ହେଉଛି ସୁଦର୍ଶନ ଚକ୍ର", ଏହି କଥା ତାଙ୍କୁ ବେଶ୍ ଅନୁପ୍ରାଣିତ କରିଥିଲା ।

ମହାତ୍ମା ଗାନ୍ଧୀଙ୍କ ଜୟଧ୍ୱନି ସାଙ୍ଗକୁ ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ସେ ହାଟପଡ଼ିଆ ଠାରେ ଉଦ୍‌ବୋଧନ ଦେଉଥାନ୍ତି । କହୁଥାନ୍ତି, ଅନ୍ୟାୟ ସହିବୁ ନାହିଁ କି ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ । ପୋଲିସ ଅତ୍ୟାଚାରରେ ସଭା ଛିନ୍ନଛତ୍ର ହେଲା । ଥାନା ପୋଡ଼ି ଦିଆଗଲା । ପୁଲିସ୍ ଗୁଳିରେ ପାଞ୍ଚ ଜଣ ମଲେ ଓ ସତର ଜଣ ଆହତ ହେଲେ । ଥାନା ଭିତରେ ପୋଲିସମାନେ ଲକ୍ଷ୍ମଣ ନାୟକଙ୍କୁ ମାଡ଼ ମାରି ତାଙ୍କ ନିଶ ଉପାଡ଼ି ଦେଲେ । ଲକ୍ଷ୍ମଣ ଗିରଫ ହୋଇ ବ୍ରହ୍ମପୁର ଜେଲରେ ରହିଲେ । ସେତେବେଳର ଜିଲ୍ଲା ଜଜ୍ ଭି. ରାମନାଥନ୍ ଏକତରଫା ବିଚାର କରି ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦଣ୍ଡର ଆଦେଶ ଦେଲେ । ତାଙ୍କର ମୁଖ୍ୟ ସହଯୋଗୀ ବଳରାମ ପୂଜାରୀଙ୍କ ସମେତ ପଚାଶ ଜଣଙ୍କୁ ଆଜୀବନ କାରଦଣ୍ଡରେ ଦଣ୍ଡିତ କରାଗଲା । ବୀର ଲକ୍ଷ୍ମଣ ହସି ହସି ଫାଶୀରେ ଝୁଲିଲେ । ଫାଶୀ ପୂର୍ବରୁ ସେ କହିଥିଲେ– "ମୁଁ ତ ଯାଉଛି । ଗାନ୍ଧୀ ମହାତ୍ମାଙ୍କ ତପସ୍ୟା ଫଳରେ ଦେଶ ନିଶ୍ଚୟ ଦିନେନା ଦିନେ ସ୍ୱାଧୀନ ହେବ ।" ଯଦିଓ ସେ ବଣ ପାହାଡ଼ ଘେରା ଆଦିବାସୀ ଅଞ୍ଚଳର ଜଣେ ଅଶିକ୍ଷିତ ଯୁବକ ଥିଲେ ତଥାପି, ଦେଶ ଓ ଜାତିର ମୁକ୍ତି ପାଇଁ ତାଙ୍କର ଏହି ବଳିଦାନ କାଳକାଳକୁ ଇତିହାସ ପୃଷ୍ଠା ମଣ୍ଡନ କରି ପ୍ରତ୍ୟେକଙ୍କୁ ଦେଶ ମାତୃକାର ସେବା କରିବା ପାଇଁ ଅନୁପ୍ରାଣିତ କରିବ, ଏଥିରେ ତିଳେ ହେଲେ ଦ୍ୱିଧା ନାହିଁ ।


# ଢୋଲଖିଆ ବିଲୁଆ

ଗୋଟିଏ ବଣରେ ଗୋମାୟୁ ବୋଲି ଗୋଟିଏ ବିଲୁଆ ଥିଲା । ଦିନେ ସେ ବଣଯାକ ଆହାର ଖୋଜି ଖୋଜି କିଛି ହେଲେ ଖାଇବାକୁ ପାଇଲା ନାହିଁ । ଧୀରେ ଧୀରେ ସେ ବଣରୁ ବାହାରି ସହର ଆଖପାଖରେ ବୁଲିବାକୁ ଲାଗିଲା ।




ବୁଲୁ ବୁଲୁ ହଠାତ୍ ସେ ଗୋଟିଏ ଶବ୍ଦ ଶୁଣିପାରିଲା । ଏପରି ଡମ୍ ଡମ୍ ଶବ୍ଦ ସେ ଆଗରୁ କେବେ ହେଲେ ଶୁଣି ନଥିଲା । ସେ ଏଣେ ତେଣେ ଚାହିଁଲା । କୁଆଡ଼େ କେହି ନଥିଲେ । କିଛି ଦୂରରେ ଗୋଟିଏ ଢୋଲ ପଡ଼ିଥିଲା । ଗୋଟିଏ ଗଛରୁ ସରୁ ଡାଳଟିଏ ହଲି ହଲି ଢୋଲ ଦେହରେ ବାଜୁଥିଲା । ସେଥିରୁ ଶବ୍ଦ ବାହାରୁଥିଲା ।

ବିଲୁଆଟି ଆଗରୁ କେବେ ଢୋଲ ଦେଖି ନଥିଲା । ତେଣୁ ସେ ଜିନିଷଟି କ'ଣ, ତାହା କେଉଁ କାମରେ ଲାଗେ, ସେ ବିଷୟରେ ତା'ର କୌଣସି ଧାରଣା ନଥିଲା । ତେଣୁ ସେ ଭାବିଲା ତାହା ଗୋଟିଏ ହିଂସ୍ର ଜନ୍ତୁ । ଜନ୍ତୁଟି ତଳେ ବସିଛି ଓ ବିଲୁଆକୁ ଦେଖି ଗର୍ଜନ କରୁଛି । ହୁଏତ ଅଳ୍ପ ସମୟ ଭିତରେ ଜନ୍ତୁଟି ତା' ଆଡ଼କୁ ଝପଟି ଆସିବ ଓ ତାକୁ ମାରିଦେବ । ଏହା ଭାବି ସେ ପ୍ରାଣ ବିକଳରେ ଦୌଡ଼ି ପଳାଇଗଲା ।



କିଛି ବାଟ ଦୌଡ଼ିଗଲା ପରେ ଜନ୍ତୁଟି କେଉଁଠି ପହଞ୍ଚିଛି ଜାଣିବା ପାଇଁ ସେ ପଛକୁ ଫେରି ଚାହିଁଲା । ସେ ଦେଖିଲା ପଛରେ କେହି ନାହିଁ । ତା' ମନରେ ସନ୍ଦେହ ହେଲା । ସେ ଭାବିଲା ବୋଧହୁଏ ସେ ଦେଖିଥିବା ଜିନିଷଟି କୌଣସି ଜୀଅନ୍ତା ପ୍ରାଣୀ ନୁହେଁ । ତେଣୁ ସେ ମନରେ ସାହସ ବାନ୍ଧି ଧୀରେ ଧୀରେ ଫେରି ଆସିଲା ଓ ଗୋଟିଏ ଗଛ ଆଢୁଆଳରେ ଲୁଚି ରହି ଢୋଲ

ଆଡ଼କୁ ଚାହିଁଲା । ଅଳ୍ପ ସମୟ ଭିତରେ ସେ ବୁଝିପାରିଲା ଯେ ତଳେ ପଡ଼ିଥିବା ଜିନିଷଟି କୌଣସି ହିଂସ୍ର ଜନ୍ତୁ ନୁହେଁ ବା ସେ ଗର୍ଜନ କରୁନାହିଁ । ତା' ଦେହରେ ଡାଳଟିଏ ବାଡ଼େଇ ହୋଇ ସେହିପରି ଶବ୍ଦ ବାହାରୁଛି । ଧୀରେ ଧୀରେ ସେ ଆହୁରି ସାହସ ବାନ୍ଧି ଢୋଲ ପାଖକୁ ଗଲା ଓ ନିଜ ଆଗ ଗୋଡ଼ରେ ଢୋଲର ଗୋଟିଏ ପାଖକୁ ବାଡ଼େଇ ଦେଲା । ଢୋଲରୁ ଶବ୍ଦ ବାହାରିଲା । ବିଲୁଆ ଖୁସି ହୋଇଗଲା ଓ ବାରମ୍ବାର ଢୋଲକୁ ବାଡ଼େଇଲା । ଢୋଲରୁ ସେହିପରି ବାରମ୍ବାର ଶବ୍ଦ ବାହାରିଲା ।



ବିଲୁଆ ମନରେ କୌତୂହଳ ବଢ଼ିଲା । ସେ ଢୋଲକୁ ଶୁଙ୍ଘିଲା । ଢୋଲରୁ ଚମଡ଼ା ବାସ୍ନା ବାହାରୁ ଥିଲା । ସେ ଭାବିଲା ଯେମିତି ପଶୁ ଦେହରେ ଚମଡ଼ା ତଳେ ହାଡ଼, ମାଂସ ଥାଏ ସେହିପରି ସେ ଚମଡ଼ା ତଳେ ନିଶ୍ଚୟ ହାଡ଼ମାଂସ ଭର୍ତ୍ତି ହୋଇଥିବ । ଏହାକୁ ଖାଇଲେ ତା'ର ବହୁତ ଦିନ ଚଳିଯିବ; ତାକୁ ଆଉ ଏଣେ ତେଣେ ଆହାରି ଖୋଜିବାକୁ ପଡ଼ିବ ନାହିଁ ।

ଏ କଥା ଭାବି ସେ ଖୁସିରେ ପାଗଳ ହୋଇ, ଆଗପଛ ବିଚାର ନ କରି ଢୋଲର ଚମଡ଼ାକୁ ଖୁବ୍ ଜୋର୍‌ରେ କାମୁଡ଼ି ଦେଲା । ଢୋଲର ଚମଡ଼ା ତ ଭାରି ଟାଣ, ପୁଣି ଖୁବ୍ ଜୋର ଟାଣି ବନ୍ଧା ହୋଇଥାଏ । ତେଣୁ ବିଲୁଆ କାମୁଡ଼ିବାରୁ ତାହା ଛିଣ୍ଡିଲା ନାହିଁ ।

ବିଲୁଆକୁ ଲୋଭ ଘାରିଥାଏ । ସେ ବା ସମ୍ଭଳା ପଡୁଛି କେଉଁଠି ? ନିଜର ସବୁ ଶକ୍ତି ଲଗେଇ ପୁଣି ଥରେ ଢୋଲର ଚମଡ଼ାକୁ କାମୁଡ଼ିଦେଲା । ଢୋ କରି ଚମଡ଼ା ଫାଟିଗଲା ଓ ତା' ସଙ୍ଗେ ସଙ୍ଗେ ବିଲୁଆର ସବୁତକ ଦାନ୍ତ ଭାଙ୍ଗିଗଲା । ବିଲୁଆ ଲହୁ ଲୁହାଣ ହୋଇଗଲା । ଏଣେ ଢୋଲ ଭିତରକୁ ଚାହିଁ ଦେଖେ ତ ଢୋଲ ଭିତରଟା ପୂରା ଫାଙ୍କା ।

କାଳେ ଢୋଲ ଭିତରେ କିଛି ଥାଇପାରେ ଭାବି ବିଲୁଆ ବିକଳ ହୋଇ ଢୋଲ ଭିତରେ ପଶିଗଲା । ଭିତରେ ହାଡ଼, ମାଂସ କିଛି ନଥିଲା । ବିଚରା ବିଲୁଆ ନିଜର ବୋକାମି ପାଇଁ ନିଜକୁ ଧିକ୍କାର କଲା । ଲୋଭରେ ପଡ଼ି ଆଗପଛ ନ ବିଚାରି କାମ କରିବାରୁ ଢୋଲଖିଆ ତ ହେଲା ନାହିଁ, ପୁଣି ଦାନ୍ତତକ ମଧ୍ୟ ଗଲା ।

(ପଞ୍ଚତନ୍ତ୍ରରୁ ସଂଗୃହୀତ)



## ଆସ କଥାବାର୍ତ୍ତା ହେବା

୧. ତୁମେ କେଉଁସବୁ ଖାଦ୍ୟ ଖାଅ, କୁହ ।

୨. ତୁମେ ଜାଣିଥିବା ବିଭିନ୍ନ ବାଦ୍ୟଯନ୍ତ୍ରର ନାମ କୁହ ।

୩. ଢୋଲକୁ କିଏ ବଜାଉଥିଲା ?

୪. ବାଘ ଗୋଟିଏ ହିଂସ୍ର ଜନ୍ତୁ ଅଟେ । ତୁମେ ଜାଣିଥିବା ଅନ୍ୟ ହିଂସ୍ର ଜନ୍ତୁଙ୍କ ନାମ କୁହ ।

୫. ତୁମେ ବାଟରେ ଯାଉଥିବା ସମୟରେ ଗୋଟିଏ ଟଙ୍କାପୂର୍ଣ୍ଣ ଥଳି ପାଇଲେ କ'ଣ କରିବ ?



## ଚିନ୍ତା କର ଓ ଲେଖ ।

୧. ଢୋଲରୁ ଚମଡ଼ା ବାସ୍ନା ବାହାରୁଥିବାରୁ ବିଲୁଆ କ'ଣ ଭାବିଲା ?

ଉତ୍ତର..........................................................................................

୨. ବିଲୁଆର ସବୁତକ ଦାନ୍ତ କିପରି ଭାଙ୍ଗିଗଲା ?

ଉତ୍ତର..........................................................................................

୩. ତୁମେ ଅଧିକ ବଳ ଲଗାଇ କୌଣସି ଟାଣ ଜିନିଷକୁ ଦାନ୍ତରେ କାମୁଡ଼ିବ ନାହିଁ କାହିଁକି ?

ଉତ୍ତର..........................................................................................

୪. ଢୋଲ ଭିତରଟା ପୂରା ଫାଙ୍କା ଦେଖିବା ପରେ ବିଲୁଆ ଜାଗାରେ ତୁମେ ଥିଲେ କ'ଣ କରିଥାଆନ୍ତ ?

ଉତ୍ତର..........................................................................................

୫. ଡାହାଣ ପାଖରୁ ଅକ୍ଷର ଆଣି ଶବ୍ଦ ଗଢ଼ । ସେହି ଶବ୍ଦକୁ ନେଇ ବାକ୍ୟ ଲେଖ ।

ଙ୍ଘି ମ୍ବା ସ୍ନା କ୍କା ବ୍ଦ
ଙ୍ଗି ନ୍ତ ମାଂ ନ୍ତୁ ର୍ଜ

| ଶବ୍ଦ | ବାକ୍ୟ |
| --- | --- |
| ବା – | |
| ଶୁ – ଲା | |
| ହାଡ଼ – ସ | |
| ଧି – ର | |
| ଦା – | |
| ଗ – ନ | |
| ଜ – | |
| ଶ – | |
| ବାର – ର | |
| ଭା – ଗଲା | |



DRAFT

୬. 'ଆଗପଛ' – ଶବ୍ଦ ପରି ଆଉ ଚାରୋଟି ଶବ୍ଦ ଲେଖ ।

| | | | |
|---|---|---|---|
| | | | |


୭. ଗପରୁ ଖୋଜି ସମାନ ଅର୍ଥ ବୁଝାଉଥିବା ଶବ୍ଦ ଲେଖ ।

ଖାଦ୍ୟ –  ଶୃଗାଳ –

ବୃକ୍ଷ –  ଜୀବନ –

ଜୀବନ୍ତ –  ରକ୍ତ –

୮. 'ଢୋ' କରି ଢୋଲର ଚମଡ଼ା ଫାଟିଗଲା । ତା' ସଙ୍ଗେ ସଙ୍ଗେ ବିଲୁଆର ସବୁତକ ଦାନ୍ତ ଭାଙ୍ଗିଗଲା । ବିଲୁଆ କ'ଣ କରିବ ? ମନଦୁଃଖରେ ଗୋଟିଏ ଗଛମୂଳରେ ସେ ବସିପଡ଼ିଲା । ସେତିକିବେଳେ ଗୋଟିଏ ଭାଲୁ ସେହି ବାଟରେ ଯାଉଥିଲା । ସେ ବିଲୁଆକୁ ଦେଖି କ'ଣ କଥାବାର୍ତ୍ତା ହୋଇଥିବ, ଚିନ୍ତାକରି ଲେଖ ।



## ଆସ ତିଆରି କରିବା

୧. ସୂଚନା ଅନୁସାରେ ମୁଖା ତିଆରି କର ।

ସିଂହର ମୁଖା



ସିଂହ ମୁହଁର ଚିତ୍ର କର



ରଙ୍ଗ ଦିଅ




ଚିତ୍ର ବାହାର ଅଂଶରୁ
ସିଂହର ମୁହଁ କାଟି ଅଲଗା କର



ଦୁଇ ପଟରେ କଣା କରି
ସୂତା ବାନ୍ଧ

DRAFT

# ବିଲୁଆର ମୁଖା ତିଆରି କର




୨.ଗୋଟିଏ ପଶୁ ବା ପକ୍ଷୀର ଚିତ୍ର କରି ରଙ୍ଗ ଦିଅ ଓ ତା' ବିଷୟରେ ଲେଖ ।

DRAFT

**ମନେରଖ :**

ସକଳ ତୀର୍ଥ ତୋ' ଚରଣେ । ବଦ୍ରିକା ଯିବି କି କାରଣେ ॥

**ଓଡ଼ିଆ ଭାଗବତବାଣୀ**



# ଭାରତ ମାତାର ଜୟ



ଆମ ରାଜଧାନୀ ଦିଲ୍ଲୀରେ ଥରେ
ବସିଥାଏ ଯୁବମେଳା,
ଚାଲିଥାଏ କେତେ ନୃତ୍ୟ, ଗୀତ ଯେ,
କେତେ ରଙ୍ଗର ଖେଳା ।
ଭାରତର ସବୁ ରାଜ୍ୟର ଲୋକେ
ଠୁଳ ହୋଇଥିଲେ ତହିଁ,
ନିଜ ରାଜ୍ୟର ଗଉରବ ଗାଥା
ଜଣେ ଜଣେ ଗଲେ କହି ।
ପଞ୍ଜାବୀ କହେ "ଆମଠାରୁ ବଳି
ଯୋଦ୍ଧା କେ ଅଛି ଆଉ ?
ସମ୍ମୁଖ ରଣେ ସହିଅଛି କିଏ
ଶତ୍ରୁର ଏତେ ଦାଉ ?
କେତେ ଲଜପତ କେତେ ଯେ ଭଗତ
ବୁକୁର ରକ୍ତ ଢାଳି,
ସୁପ୍ତ ଜାତିରେ କଲେ ଜାଗ୍ରତ
ମୁକ୍ତିର ଦୀପ ଜାଳି ।"
ବଙ୍ଗୀୟ ଜଣେ କହିଉଠେ ଟାଣେ,
"କାବ୍ୟ-କବିତା ଲେଖି
ମୋହିଅଛି କିଏ ରବୀନ୍ଦ୍ର ସମ
କୋଟି ମନ, କହ ଦେଖି ?
କହେ ଗୁଜୁରାଟୀ "ଗୁର୍ଜର ମାଟି
ଧନ୍ୟ 'ବାପୁଜୀ' ପାଇଁ;
ଦେଖାଇଲେ ସେ ଯେ ଶାନ୍ତିର ପଥ
ବିଶ୍ୱେ ତା ସରି କାହିଁ ?"

କହିଲା ମରାଠୀ,     "ଗୋଖଲେ, ତିଳକ
କେତେ ବିଦ୍ୱାନ ବୀର,
ନିଜ ସାଧନାର     ଗୌରବେ କଲେ
ଉନ୍ନତ ଜାତି ଶିର ।"
ତେଲୁଗୁ, ତାମିଲି,     କନ୍ନଡ଼ ଆଦି
ଦେଖାଇ ଗର୍ବ ଠାଣି,
ଶୁଣାଇଲେ ସବୁ     ନିଜ ରାଜ୍ୟର
ସିଦ୍ଧ ସାଧକ ବାଣୀ ।
ଉତ୍କଳୀ କହେ     "ନୀଳାଚଳେ ଆମ
ଭେଦାଭେଦ ଭାବ ନାହିଁ;
ଗୋଟିଏ ମାଆର     ସନ୍ତାନ ଆମେ
ସଭିଏଁ ଭଉଣୀ ଭାଇ ।
ଯୁଗ ଯୁଗ ଧରି     ଉତ୍କଳ ଆମ
ସାମ୍ୟର ଗୀତ ଗାଏ,
ଭୁଲିଯିବା କି' ତା     ଦେଖାଇ ବଡ଼ିମା ?
ଛୋଟ ହେବା ଛାଏଁ ଛାଏଁ ?"
ସବୁରି ମର୍ମ     ଛୁଇଁଲା ଏକଥା,
ଭାବିଲେ ସକଳ ଜନ-
"ଗୋଟିଏ ଦେଶର     ସନ୍ତାନ ଆମେ
ଏକଇ ପରାଣ ମନ ।
ବଙ୍ଗ, ଓଡ଼ିଶା,     ଆନ୍ଧ୍ର, ବିହାର
ଯେତେ ଅଛି ଦାନ ଯା'ର,
ଭାରତମାତାର     ଚରଣେ ତା' ସିନା
ପୂଜାର ଅର୍ଘ୍ୟ-ଧାର ।
ଭୁଲି ଭେଦଭାବ     ଗାଇବା ଆସରେ
ଭାରତର ଜୟଗୀତି,
ହୃଦୟେ ହୃଦୟେ     ଖେଳାଇ ଦେବାରେ
ବିପୁଳ ମମତା ପ୍ରୀତି ।"



DRAFT



## ଆସ କଥାବାର୍ତ୍ତା ହେବା

୧. ଆମ ଦେଶର ରାଜଧାନୀର ନାମ କ'ଣ ?

୨. କେଉଁ ମହାପୁରୁଷଙ୍କ ପାଇଁ ଗୁଜୁରାଟର ସୁନାମ ରହିଛି ?

୩. ଓଡ଼ିଶାର ଲୋକମାନଙ୍କୁ କ'ଣ କହନ୍ତି ?

୪. ତୁମେ ବଡ଼ ହେଲେ ଦେଶ ପାଇଁ କ'ଣ କରିବ ?

୫. ରବୀନ୍ଦ୍ରନାଥ ଟାଗୋର କେଉଁ ରାଜ୍ୟର ଲୋକ ଥିଲେ ?



## ଚିନ୍ତାକରି ଲେଖ

୧. ଉତ୍କଳୀୟମାନେ କେଉଁସବୁ କ୍ଷେତ୍ରରେ ବିଶ୍ୱରେ ପରିଚୟ ପାଇଛନ୍ତି ?

ଉତ୍ତର.................................................................................................................

୨. ଯୁବମେଳାରେ ପଞ୍ଜାବର ଲୋକମାନେ ଆଉ କ'ଣ ଉପସ୍ଥାପନ କରିପାରିଥା'ନ୍ତେ ?

ଉତ୍ତର.................................................................................................................

୩. ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କେତେଜଣ ଓଡ଼ିଆଙ୍କ ନାମ ଲେଖ ।

ଉତ୍ତର.................................................................................................................

୪. ତୁମେ ଦେଖିଥିବା ଏକ ମେଳା କିମ୍ବା ଗାଁ ଯାତ ବିଷୟରେ ଲେଖ ।

ଉତ୍ତର.................................................................................................................

୫. ଆମ ଦେଶର ଗୌରବ ବଢ଼ାଇବା ପାଇଁ ଆମେ କ'ଣ କରିପାରିବା ?

ଉତ୍ତର.................................................................................................................



## ଶବ୍ଦ ଖେଳ

**୧. କବିତାରେ ଏକାପରି ଶୁଭୁଥିବା (ସମାନ ଧ୍ୱନି) ଶବ୍ଦକୁ ବାଛି ଖାଲି ଘରେ ଲେଖ ।**

ଯେପରି – ମେଳା [ଖେଳା]

ସେହିପରି – ବଳି [ ] ବୀର [ ] ଠାଣି [ ] ମନ [ ]



DRAFT

୩. 'କ' ସ୍ତମ୍ଭରେ ଥିବା ଜିଲ୍ଲାଗୁଡ଼ିକର ନାମ ସହିତ ମେଳ ଖାଉଥିବା ଖାଦ୍ୟଗୁଡ଼ିକ 'ଖ' ସ୍ତମ୍ଭରେ ଅଛି । ଆସ ଗାର ଟାଣି ଚିହ୍ନାଇବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
| --- | --- |
| କଟକ | ଚାଉଳବରା |
| ଢେଙ୍କାନାଳ | ରସାବଳୀ |
| କେନ୍ଦ୍ରାପଡ଼ା | ବିରିବରା |
| ବାରିପଦା | ଦହିବରା |
| ନିମାପଡ଼ା | ଛେନାପୋଡ଼ |
| ନୟାଗଡ଼ | ମୁଢ଼ି |
| ବଲାଙ୍ଗୀର | ଛେନାଝିଲ୍ଲି |

୪. **କବିତାର ପଦ ଅନୁସାରେ ଶୂନ୍ୟସ୍ଥାନ ପୂରଣ କର ।**

(କ) ପଞ୍ଜାବୀ କହେ

______________________

(ଖ) ବଙ୍ଗୀୟ ଦେଶ ______________________


______________________

(ଗ) ତେଲୁଗୁ, ତାମିଲି, କନ୍ନଡ଼ ଆଦି ______________________

______________________

୫. **ଅଭିଧାନରୁ ଶବ୍ଦର ଅର୍ଥ ଖୋଜି ଖାଲି ସ୍ଥାନରେ ଲେଖ ।**

| | ଶବ୍ଦ | ଅର୍ଥ |
| --- | --- | --- |
| ଯେପରି | ଜାଗ୍ରତ | ଚେଇଁ ଉଠିବା |
| | ବାଣୀ | ______________ |
| | ସନ୍ତାନ | ______________ |
| | ଶିର | ______________ |
| | ବୁକୁ | ______________ |
| | ଛାତି | ______________ |
| | ମୁଣ୍ଡ | ______________ |
| | କଥା | ______________ |



DRAFT

୬. ତଳେ ଦିଆଯାଇଥିବା ବାକ୍ୟର ଦୁଇଟି ଉତ୍ତର ଲେଖାଅଛି । ଯେଉଁଟି ଠିକ୍ ତା’ ପାଖରେ ଠିକ୍ ଚିହ୍ନ (✓) ଦିଅ ।

(କ) ମୁକ୍ତି ଦୀପ ଜାଳି :

- କାରାଗାରରୁ ମୁକ୍ତି କରିବା ପାଇଁ ଦୀପ ଜାଳିବା
- ସ୍ୱାଧୀନତା ପ୍ରାପ୍ତି ପାଇଁ ଆଶା ସଞ୍ଚାର କରାଇବା

(ଖ) ଏକଇ ପରାଣ ମନ :

- ଏକଜୁଟ ହେବା
- ନିଜ ମନ ଓ ପ୍ରାଣକୁ ଏକାଠି କରିବା



**ଆସ ପଢ଼ିବା ଓ ଆମ ଦେଶର ଲୋକମାନଙ୍କର ବେଶପୋଷାକ ବିଷୟରେ ଜାଣିବା ।**



ମୁଁ ମଣିପୁରର ଝିଅ ।
ମୋର ନାମ ମେନିଙ୍ଗ୍ ସିଲିଭ୍
ଆମର ପୋଷାକ ଇନାଫଇ ଓ ଫାନେକ



ମୋର ନାମ ଗୁରୁପ୍ରୀତ
ମୁଁ ଅମୃତସରର ଲୋକ
ମୁଁ ପିନ୍ଧେ ପଞ୍ଜାବି





ମୁଁ ପଶ୍ଚିମବଙ୍ଗର କନ୍ୟା,
ମୁଁ ପିନ୍ଧେ ଶାଢ଼ୀ




ମୋର ନାମ ବାଲାଜୀ
ମୁଁ ଆନ୍ଧ୍ରର ଲୋକ
ମୁଁ ପିନ୍ଧେ ଧୋତି ଓ କାମିଜ

ଭାରତ ମାନଚିତ୍ରରେ ନିଜ ରାଜ୍ୟକୁ ଚିହ୍ନି ରଙ୍ଗ ଦିଅ ଓ ତା'ର ନାମ ଲେଖ ।



DRAFT


ତଳେ ଦିଆଯାଇଥିବା ଚିତ୍ରର କ୍ରମକୁ ଦେଖି ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତାରେ କାଗଜ ଛତା ତିଆରି କର ।



DRAFT

# ତୁମ ପାଇଁ ପୃଷ୍ଠାଟିଏ.......

DRAFT



# ବୃତ୍ତି ସମ୍ବନ୍ଧୀୟ ବାର୍ତ୍ତା

- ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଏବଂ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ତୃତୀୟ ଶ୍ରେଣୀରେ ଷାଠିଏ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନେ ପ୍ରାଥମିକ ବୃତ୍ତି ପରୀକ୍ଷା ଦେଇପାରିବେ ।
- ପ୍ରତି ବର୍ଷ ଜୁଲାଇ ମାସ ଦ୍ୱିତୀୟ ରବିବାର ଦିନ ବୃତ୍ତି ପରୀକ୍ଷା ହେବା ପାଇଁ ସ୍ଥିର ହୋଇଛି ।
- ପ୍ରଶ୍ନଗୁଡ଼ିକ ମନୋନୟନ ମୂଳକ ପ୍ରଶ୍ନ ହେବ ।
- ପ୍ରତ୍ୟେକ ବ୍ଲକରୁ ପ୍ରଥମ ୭ ଜଣ ପ୍ରାଥମିକ ଯୋଗ୍ୟତାଭିତ୍ତିକ ଛାତ୍ରବୃତ୍ତି, ତା ପର ୭ ଜଣ ଯୋଗ୍ୟତା ତଥା ଦାରିଦ୍ର୍ୟ ଭିତ୍ତିକ ଛାତ୍ର ବୃତ୍ତି (ଉପଯୁକ୍ତ ପ୍ରମାଣ ପତ୍ର ଦାଖଲ କରି) ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।
- ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀ ମାନେ ମାସିକ ୧୦୦ ଟଙ୍କା ହିସାବରେ ଚତୁର୍ଥ ଏବଂ ପଞ୍ଚମ ଦୁଇ ବର୍ଷ ପାଇଁ ବୃତ୍ତି ପାଇବେ ।

# ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସମ୍ପର୍କରେ ବାର୍ତ୍ତା

- ସୁସ୍ଥ ଶରୀରରେ ସୁସ୍ଥମନ,<br>ବଢ଼ିବ ଏକାଗ୍ରତା ଜାଣ ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ ନ ଆସେ ବିପଦ<br>ଖେଳୁ ଥାଏ ଯିଏ ଖେଳ,<br>ସାହସ ଶୃଙ୍ଖଳା ଦଳୀୟ ଭାବନା<br>ବଢେ ମାନସିକ ବଳ ।
- ଖେଳ ମାଧ୍ୟମରେ ପଢ଼ିଲେ ପାଠ,<br>ଜୀବନ ସଂଗ୍ରାମେ ଫିଟିବ ବାଟ ।
- ସରସ ସୁନ୍ଦର ରହିବ ମନ,<br>କ୍ରୀଡ଼ା ଜଗତରେ ଥିଲେ ହେଁ ଧ୍ୟାନ ।
- ନିତିଦିନ କ୍ରୀଡ଼ା ଅଭ୍ୟାସ କର,<br>ଜୀବନ ହୋଇବ ଚିର ସୁନ୍ଦର ।
- ବ୍ୟାୟାମ ଦ୍ୱାରା ଶିଶୁଟି ଶରୀରକୁ ସୁସ୍ଥ ଓ ସୁଠାମ ରଖିପାରିଥାଏ ।

# ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା

- ପରିବେଶ ସୁରକ୍ଷା, ଜୀବନ ରକ୍ଷା ।
- ପିଲାଟିଏ, ଗଛଟିଏ ।
- ବୃକ୍ଷ ହିଁ ଜୀବନ, ଜଳ ହିଁ ଜୀବନ ।
- ସବୁଜ ସୁନ୍ଦର ବନ ଆମର, ଉତ୍ତରାଧିକାରୀଙ୍କ ଏ ଅଧିକାର ।
- ଗଛଟିଏ ଲଗାନ୍ତୁ, ପୃଥିବୀ ବଞ୍ଚାନ୍ତୁ ।



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧